# ‘ବୁଦ୍ଧି ନେବାକୁ ବିଦେଶୀ ଆସିଥିଲେ ଜଗତ୍‌ସିଂହପୁର’

ଜଗତ୍‌ସିଂହପୁର, ୨୦।୧ (ପ୍ରମୋଦ କୁମାର ନାୟକ)



ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଜଗତ୍‌ସିଂହପୁର ମାଟି ବହୁତ ଉର୍ବର। ଏ ମାଟିରୁ ଜନ୍ମନେଇ ଅନେକ କେବଳ ଜିଲା କି ରାଜ୍ୟ ନୁହେଁ, ଦେଶ ବିଦେଶରେ ସୁନାମ ଅର୍ଜନ କରି ପାରିଛନ୍ତି। ଯେଉଁ ସବୁ ବିଦେଶୀ ଶକ୍ତି ଯଥା ମୋଗଲ, ମରାଠା ଓ ବ୍ରିଟିଶର୍ସମାନେ ଭାରତ ଦଖଲ କରିବାକୁ ଆସିଥିଲେ ସେମାନେ ଜଗତ୍‌ସିଂହପୁରରେ ପହଞ୍ଚିଥିଲେ। ଜଗତ୍‌ସିଂହପୁର ଆସିବାର କାରଣ ବଡ଼ ବିଚିତ୍ର। ଅନେକ ଅନୁସନ୍ଧାନରୁ ଜଣାଯାଇଥିଲା ଯେ, ବିଦେଶୀ ଶକ୍ତି ଏ ମାଟିରୁ ବୁଦ୍ଧି ନେବାକୁ ଆସୁଥିଲେ। କାରଣ ଏ ମାଟିରୁ ଯିଏ ବାହାରୁଥିଲେ ସେମାନଙ୍କ ମଧ୍ୟରୁ ଅନେକ ଦେଶ, ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରୁଥିଲେ। ଶନିବାର ଜଗତ୍‌ସିଂହପୁର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ଫକୀର ମୋହନ (ଏଫ୍‌ଏମ୍) ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଏହା କହିଛନ୍ତି। ସେ ଏକଥା ମଧ୍ୟ କହିଥିଲେ, ଜଗତ୍‌ସିଂହପୁର ଜିଲାର ସ୍ୱତନ୍ତ୍ରତା ରହିଛି। ଅତୀତରେ ଜଗତ୍‌ସିଂହପୁରରେ ସେଭଳି କିଛି ଏପରି କି ପାରାଦୀପ ବନ୍ଦର ମଧ୍ୟ ନ ଥିଲା। କିନ୍ତୁ ଲୋକମାନେ ବୁଦ୍ଧିଆ ଥିଲେ। ତେଣୁ ଏ ମାଟି ଧନୀ। ଏବେକାର ପିଢି କଥା ଦେଖିଲେ ଜଣାଯାଏ ପ୍ରାଣକୃଷ୍ଣ ପରିଜା, ବିଦ୍ୟାଧର ମିଶ୍ର ଓ ଶ୍ରୀରାମ ଦାସ ଆଦି ଜଗତ୍‌ସିଂହପୁରରୁ ଜନ୍ମ ନେଇଛନ୍ତି। ଏଭଳି ସମୟ ଥିଲା ଯେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରତି ବିଭାଗରେ

## ଜଗତ୍‌ସିଂହପୁର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

୨/୩ ଜଣ ପ୍ରଫେସର ଜଗତ୍‌ସିଂହପୁରିଆ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ଯେତେବେଳେ ୨୧ଟି ବିଭାଗ ଥିଲା, ସେତେବେଳେ ୫୫ ଜଣ ପ୍ରଫେସର କେବଳ ଜଗତ୍‌ସିଂହପୁରରୁ ଥିଲେ। ଆଜି ବି ଏହି ବିଶ୍ୱ ବିଦ୍ୟାଳୟର ୧୬୭ ଅଧ୍ୟାପକ ପଦବୀ ମଧ୍ୟରୁ ୬୭ ଜଣ ଜଗତ୍‌ସିଂହପୁରିଆ ରହିଛନ୍ତି। ଏ ପର୍ଯ୍ୟନ୍ତ ଯେତେ କୁଳପତି ଅଛନ୍ତି ସର୍ବାଧିକ ଜଗତ୍‌ସିଂହପୁରିଆ ଅଛନ୍ତି। ଆଗରୁ ପ୍ରାଣକୃଷ୍ଣ ପରିଜା, ବିଦ୍ୟାଧର ମିଶ୍ର ଥିବାବେଳେ ଏବେ ୪ ଜଣ ଅର୍ଥାତ୍ କଳାହାଣ୍ଡି, ସଂସ୍କୃତି, ଓୟୁଟି ଏବଂ ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଜଗତ୍‌ସିଂହପୁରିଆ କୁଳପତି ରହିବାର ସୌଭାଗ୍ୟ ଲାଭ କରିଛନ୍ତି। କେବଳ ଏତିକି ନୁହେଁ, ସ୍ୱର୍ଗତ ବିଜୁ ବାବୁଙ୍କ ମୁଖ୍ୟ ଉପଦେଷ୍ଟା କୁହାଯାଉଥିବା ବିରେନ୍ଦ୍ର ମିତ୍ର ମଧ୍ୟ ଏଠାରେ ଥିଲେ। ଭଲ ବିଚାରପତି, ଶିକ୍ଷାବିତ୍, ସାହିତ୍ୟିକ, ରାଜନେତା ଆଦି ଅନେକ କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ଗରିମା ରହିଥିବା ଡ. ତ୍ରିପାଠୀ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରମାଦେବୀ ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ବିଶିଷ୍ଟ ଗାଳ୍ପିକ ଆର୍ଯ୍ୟ ଯଜ୍ଞଦତ୍ତ ଏବଂ ଡ. ରଜନୀ ରଞ୍ଜନ ଉତ୍ସବରେ ଅନେକ ମହତ୍ୱପୂର୍ଣ୍ଣ କଥା କହିଥିଲେ। ସେମାନେ ଜୀବନ ଦର୍ଶନ, ମାନବୀୟ ମୂଲ୍ୟବୋଧ, ସାମାଜିକ ସ୍ଥିତି, କଳା, ସାହିତ୍ୟ ଓ ସଂସ୍କୃତି ଆଦିର ଅବତାରଣା କରି ସୁସ୍ଥ ସମାଜ ଗଠନର ଆହ୍ୱାନ ଦେଇଥିଲେ। ଜ୍ଞାନ ବୃଦ୍ଧି ପାଇଁ ପୁସ୍ତକର ଆବଶ୍ୟକତା ଉପରେ ମଧ୍ୟ ବଖାଣିଥିଲେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଏବଂ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସୃଜନଶୀଳତା ଶିକ୍ଷାର୍ଥୀଙ୍କ ପାଇଁ ଅମୂଲ୍ୟ ସମ୍ପଦ

## ସୃଜନଶୀଳତା ଶିକ୍ଷାର୍ଥୀଙ୍କ ପାଇଁ ଅମୁଲ୍ୟ ସମ୍ପଦ




ରଘୁନାଥପୁର,୨୦।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷାନିକେତନ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଇଂ. ବାବାଜୀ ଚରଣ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ କୋମଳମତି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ଦିଗ୍‌ଦର୍ଶନ ଦେବାସହ ସୃଜନଶୀଳତା ଶିକ୍ଷାର୍ଥୀଙ୍କ ପାଇଁ ଅମୁଲ୍ୟ ସମ୍ପଦ ବୋଲି କହିଥିଲେ। ସେହିପରି ତୃଣମୂଳସ୍ତରରୁ ଭାଷା ସାହିତ୍ୟର ଉନ୍ନତି ପାଇଁ ଉଭୟ ମା’ବାପା ଓ ଶିକ୍ଷକଙ୍କ ପ୍ରଚେଷ୍ଟା ଅତ୍ୟନ୍ତ ଜରୁରୀ ବୋଲି ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ମତ ପ୍ରକାଶ କରିଥିଲେ। ଆଲୁମନି ସଭାପତି ମାନସ କୁମାର ମହାପାତ୍ର, ଓଡ଼ିଶା ମୋ ପରିବାର ସଦସ୍ୟ ଡ. ସୁରେନ୍ଦ୍ରନାଥ ମହାପାତ୍ର, ଶିକ୍ଷାବିତ୍ ଯଦୁନାଥ ଜେନା ଓ ଭଗବାନ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଜନିତ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର ଉତ୍ସବର ଉଦ୍ଦେଶ୍ୟ ଓ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ଏହାର କାର୍ଯ୍ୟକାରୀତାକୁ ନେଇ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ହୋଇଥିବା ୪ କ୍ଲବ ଯଥା ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡ଼ାଙ୍ଗନା ବିଭାଗ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ବୁଲି ଦେଖିଥିଲେ। ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ଅତିଥି ପରିଚୟ ଓ ସୁବାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ସୁଧୀର କୁମାର ସାହାଣୀ, ଧରଣୀଧର ଜେନା, ସୁରେନ୍ଦ୍ରନାଥ ଦ୍ୱିବେଦୀ, ସୁଧୀର କୁମାର ନାୟକ, ବିଷ୍ଣୁଚନ୍ଦ୍ର କର, ଯଶୋବନ୍ତି ରାଉତ ଓ ବନ୍ଦନା ନାୟକ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

# ଶିକ୍ଷା, କ୍ରୀଡ଼ା ପରସ୍ପର ପରିପୂରକ

ଏରସମା,୨୦।୧ ( ଦୀପ୍ତି ରଞ୍ଜନ ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ପୋଖରିଆପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗତ ୧୯ ତାରିଖରୁ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଓ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଦୌଡ଼, ଜିଲାପି ଡିଆଁ, ଦଉଡ଼ି ଡିଆଁ, ଗଣିତ ଖେଳ ଆଦି ପ୍ରତିଯୋଗିତା ହୋଇଥିଲା। ଅତସୀ ଦାସ ଓ ଗୁରୁ ପ୍ରସନ୍ନ ସାହୁ ଚାମ୍ପିୟନ ହୋଇଥିଲେ। ପ୍ରଧାନ ଶିକ୍ଷକ ଅନିଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ବିଦ୍ୟାଧର ପ୍ରଧାନ ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି କ୍ରୀଡ଼ା ଓ ଶିକ୍ଷା ପରସ୍ପର ପରିପୁରକ ବୋଲି କହିଥିଲେ। ଏଥିରେ ଜିଲା ଯୁବ ବିଜେଡି ସଭାପତି ପାର୍ଥ ସାରଥୀ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ବସନ୍ତ ମଞ୍ଜରୀ ଦାସ, ସ୍ଥାନୀୟ ସରପଞ୍ଚ ଗଦାଧର ମଲ୍ଲିକ, ସ୍କୁଲ ଆଲୁମନି କମିଟି ସଭାପତି ଶୁକଦେବ ବେଉରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଓ ସାହିତ୍ୟ ସୃଜନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ନାୟକ, ପ୍ରଭାତୀ ଦାସ, କ୍ରୀଡ଼ା ଶିକ୍ଷକ ଧୀରେନ୍ଦ୍ର କୁମାର ରାଉତ, ପ୍ରସନ୍ନ ନନ୍ଦ, ଅକ୍ଷୟ କୁମାର ପଣ୍ଡା, ପ୍ରସନ୍ନ ଜେନା, ସମୀର ହାତୀ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ଓ ସାହିତ୍ୟ ସୃଜନୀ ପ୍ରତିଯୋଗିତା ପରିଚାଳନା କରିଥିଲେ।


ଅତିଥି ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ପାରମ୍ପରିକ, ଆଧୁନିକ ଶିକ୍ଷା ପ୍ରଣାଳୀକୁ ଗୁରୁତ୍ୱ

## ସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ


ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ରାହାମା,୨୦।୧(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାସ୍ଥିତ ସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ୧୯୭୪ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ସମୟ ସ୍ରୋତରେ ତାର ରୂପ ବଦଳାଇ ଜିପି ହାଇସ୍କୁଲରୁ ସରକାରୀ ଉଚ୍ଚ ବିଦ୍ୟାଳୟ ସାଇଲୋରେ ପରିଣତ ହୋଇଛି। ୫-ଟି ଜରିଆରେ ନୂତନ ରୂପରେ ପରିଭାଷିତ ହୋଇଛି। ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ନୂତନ ଓ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇ ମା’ଶାରଳାଙ୍କ ପୀଠରୁ ଆଜ୍ଞାମାଳ ଓ ଜ୍ୟୋତି ଆଣି ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଏହାପରେ ସମାରୋହର ଉଦଘାଟନୀ କାର୍ଯ୍ୟକ୍ରମ ହୋଇଥିଲା।

ସୁବର୍ଣ୍ଣ ଜୟନ୍ତୀର ଉପଦେଷ୍ଟା ବୈଜ୍ଞାନିକ ଡ.ଅଜୟ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଏମ୍‌ପି ଡା.ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥିଭାବେ ବିଧାୟକ ସମ୍ବିତ ରାଉତରାଏ, ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ମୁଖ୍ୟବକ୍ତା ଭାବେ ଆକାଶ ବାଣୀର ପୂର୍ବତନ ନିର୍ଦ୍ଦେଶକ ଡା ଶାନ୍ତନୁ ରଥ ଯୋଗଦେଇ ଶିକ୍ଷା ଓ ଦୀକ୍ଷା ଭିତରେ ଥିବା ଅନ୍ତର ବିଷୟରେ କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏମ୍‌ପି ମଲ୍ଲିକ ଶିକ୍ଷାର ଗୁଣାବଳୀ, ପାରମ୍ପରିକ ଓ ଆଧୁନିକ ଶିକ୍ଷା ପ୍ରଣାଳୀକୁ ନେଇ ବିଶେଷ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପାଠ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ନିମାଇଁ ଚରଣ ଲେଙ୍କା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇଲୋ ପଞ୍ଚାୟତ ସରପଞ୍ଚ ସରୋଜ ସେଠୀ, ଅଜୟ ସାହୁ, ବିଭୁତି ଭୂଷଣ ସାହୁ, ପ୍ରଦୀପ୍ତ ବେଉରା, ଅନୁଗାମୀ ଦାସ, କିଶୋର ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଓ ଏମ୍‌ପିଙ୍କ ଦ୍ୱାରା ବିଦ୍ୟାଳୟର ନୂତନ ଭିତ୍ତି ପ୍ରସ୍ତର ସ୍ଥାପନା ଓ ହାଇମାସ୍କ ଲାଇଟର ଉଦ୍‌ଘାଟନ କରାଯାଇଥିଲା। ପରେ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା।

# ଡିଜିଟାଲ ଯୁଗରେ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାହାମା,୨୦।୧(ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାସ୍ଥିତ ସାରଳା ମହାବିଦ୍ୟାଳୟରେ ନୂଆ -ଓ ଆନୁକୂଲ୍ୟରେ ସାହିତ୍ୟ ପ୍ରତିଯୋଗିତା ଓ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ସଭାପତିତ୍ୱ କରିଥିଲେ। ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥିଭାବେ ଡିଜିଟାଲ ଯୁଗରେ ମାତୃଭାଷାର ଭୂମିକା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡା.କାଳିକିଙ୍କର ପଟ୍ଟନାୟକ ଜଗନ୍ନାଥ ସଂସ୍କୃତି ଏବଂ ରାଜ୍ୟବାସୀଙ୍କ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୈଷ୍ଣବ ଚରଣ ମହାନ୍ତି ଯୋଗ ଦେଇ ଜୀବନ ଓ ଜୀବିକା ସହ ଓଡ଼ିଆଭାଷାର ସମ୍ପର୍କ ଉପରେ ବକ୍ତବ୍ୟ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସୁବାସ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଅଧ୍ୟାପକ ପ୍ରମୋଦ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମନୋଜ କୁମାର ମହାନ୍ତି, ଅସୀମ ଅମିତାଭ ଦାସ, ସୁରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ଡା ରାକେଶ କାଣ୍ଡି ଛାତ୍ରୀଛାତ୍ର ଓ ସମସ୍ତ କର୍ମଚାରୀମାନଙ୍କୁ ଧନ୍ୟବାଦ ଦେଇଥିଲେ।

# ଡିଏଭି ଏ ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ହକି ଖେଳାଳିମାନେ।

ପାରାଦୀପ,୨୦।୧(ଶରତ ରାଉତ)

## ପିପିଏଲ୍‌ରେ ହକି ପ୍ରତିଯୋଗିତା

ପିପିଏଲ୍ ଡିଏଭି ହକି ଷ୍ଟାଡିୟମରେ ଶୁକ୍ରବାର ଦିନିକିଆ ହକି ପ୍ରତିଯୋଗିତା ହୋଇଯାଇଛି। ଏଥିରେ ପିପିଏଲ୍ ଡିଏଭି ଏ ଟିମ୍ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ୪ ଦଳ ଭାଗ ନେଇଥିଲେ। ସେଥିରେ ପାରାଦୀପର ୩ ଓ ଜଗତ୍‌ସିଂହପୁର ବଟବିହାରୀ ହକି ଦଳ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ହକି ଷ୍ଟାଡିୟମ ପିପିଏଲ ଡିଏଭି ସ୍କୁଲ ପଡ଼ିଆରେ ହୋଇଛି। ଏହି ଖେଳକୁ ଜିଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱବିଜୟିନୀ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଡିଏଭି ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ୪ଟି ମ୍ୟାଚ ଖେଳାଯାଇଥିଲା। ଖେଳକୁ ଶାଶ୍ୱତ ଭାରତୀୟ, ସୁମିତ ଲାକ୍ରା, ସମ୍ବିତ ବିଶ୍ୱଭୂଷଣ, ବିନୟ ଖିଲାର ପ୍ରମୁଖ ପରିଚାଳନା କରିଥିଲେ।

# ବିକଶିତ ପ୍ରତିଭା ସମୃଦ୍ଧଶୀଳ ରାଷ୍ଟ୍ର ଗଠନ କରେ



ଉଦ୍‌ଯାପନୀ ଉତ୍ସବରେ ବିଧାୟକ ବିଜୟ ଶଙ୍କର ଦାସ ଓ ଅନ୍ୟମାନେ।

ରଘୁନାଥପୁର, ୨୦।୧(ରାଜେନ୍ଦ୍ର ନାରାୟଣ ସିଂହ)

## ସମନ୍ୱିତ ଯୁବବିକାଶ କାର୍ଯ୍ୟ ଉଦ୍‌ଯାପିତ

ରଘୁନାଥପୁର ବ୍ଲକ ତରିକୁଣ୍ଡସ୍ଥିତ ନବକୃଷ୍ଣ ଚୌଧୁରୀ ଶିକ୍ଷା ଓ ବୈଷୟିକ ପ୍ରତିଷ୍ଠାନ ଜୁନିୟର କଲେଜରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡିଶା ମାଧ୍ୟମରେ ଚାଲିଥିବା ସମନ୍ୱିତ ଯୁବ ବିକାଶ କାଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷା ସୁଶ୍ରୀ ଜୟନ୍ତୀ ମହାନ୍ତି ପୌରୋହିତ୍ୟ କରିଥିଲେ। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚିରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ ସରକାର ଏହି ପଦକ୍ଷେପ ନେଇଥିବା କହିଥିଲେ। କାରଣ ବିକଶିତ ପ୍ରତିଭା ସମୃଦ୍ଧଶୀଳ ରାଷ୍ଟ୍ର ଗଠନ କରେ ବୋଲି ସେ ମତବ୍ୟକ୍ତ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବହୁ ଉପାଦେୟ ଦିଗ୍‌ଦର୍ଶନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, କଲେଜ ପ୍ରତିଷ୍ଠାତା ବିରକିଶୋର ରାଉତରାୟ, ସ୍ଥାନୀୟ ସରପଞ୍ଚ ବନମାଳୀ ସାହୁ ଓ ସମିତି ସଭ୍ୟ ସ୍ୱଦେଶ ଦାସ, ଜୟଶୋଳ ସରପଞ୍ଚ ମମତା ଦାସ ଓ ସମିତି ସଭ୍ୟ କିରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ନୋଡାଲ ଅଫିସର ଦେବେନ୍ଦ୍ରନାଥ ସାହୁ, ସାମାଜିକ କ୍ଷେତ୍ରରେ ଅଧ୍ୟାପିକା ବିଜୟଲକ୍ଷ୍ମୀ ତ୍ରିପାଠୀ,ସାଂସ୍କୃତିକ କ୍ଷେତ୍ରରେ ଅଧ୍ୟାପିକା ଅମିତାବାଳା ମହାନ୍ତି ଓ କ୍ରୀଡ଼ା ଶିକ୍ଷକ ଅଜୟ କୁମାର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ବେହେରା ସଭା ସଞ୍ଚାଳନ, ଅଧ୍ୟାପକ ଧରଣୀଧର ଜେନା ଅତିଥି ପରିଚୟ ଓ ସ୍ମୃତିରଞ୍ଜନ ମହାରଣା ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମିଶ୍ର, କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ପ୍ରଶିକ୍ଷିକା ରଶ୍ମିତା ସାହୁ, ଶିକ୍ଷା କର୍ମଚାରୀ ସୁଧାକର କାନୁନ୍‌ଗୋ, ସମ୍ପଦ ସ୍ୱାଇଁ, ନୃସିଂହ ବେହେରା ଶ୍ୟାମସୁନ୍ଦର ବେହେରା,ଦିଲୀପ ଭୋଇ ଓ ଶେଖ ଇବ୍ରାହିମ ଏଥିରେ ସହଯୋଗ କରିଥିଲେ।

# ବାଳିକା ଆତ୍ମସୁରକ୍ଷା ତାଲିମ

ରଘୁନାଥପୁର,୨୦।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୁପାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଏହାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ଏହି କୌଶଳକୁ କରାୟତ କରି ନିଜେ ନିଜର ସୁରକ୍ଷା କବଚ ସାଜିବା ପାଇଁ ଅଧ୍ୟକ୍ଷ ମହାନ୍ତି ଆହ୍ୱାନ ଦେଇଥିଲେ। ସେହିପରି ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବାସନ୍ତୀଲତା ସାହୁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧ୍ୟାପକ ସୁମନ୍ତ ଚନ୍ଦ୍ର ଦାସ, ଅଭୟ କୁମାର ମହାରଣା, ବିଭୁତି ମହାପାତ୍ର ଓ ସ୍ନେହମୟୀ ଦାସ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ତ୍ରିଲୋଚନ ମହାପାତ୍ର ସ୍ୱାଗତ ଭାଷଣ ଓ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ। ୮ ଦିନ ଧରି ଏହି ତାଲିମ୍ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏଥିରେ ଯୁକ୍ତ ୨ ପ୍ରଥମ ବର୍ଷର ୧୭୩ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

# ନିର୍ମାଣ ପରେ ରାସ୍ତାରୁ ଛାଡୁଛି ପିଚୁ ଅତଡା

ବାଲିକୁଦା,୨୦।୧(ତାପସ ସ୍ୱାଇଁ)

## ତାଳଗା ଅନନ୍ତପୁର ପ୍ରଧାନମନ୍ତ୍ରୀ ସଡ଼କ

- ରାସ୍ତା କାମ ନିମ୍ନମାନର ଅଭିଯୋଗ
- ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ଚେତାବନୀ


ରାସ୍ତା ପାର୍ଶ୍ୱରୁ ପିଚୁ ଉଠିଯାଇଥିବା ଲୋକେ ଦେଖାଉଛନ୍ତି।

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ଅନ୍ତର୍ଗତ ତାଳଗାଁ ଶ୍ମଶାନ ଛକଠାରୁ କୁସୁପୁର ପଞ୍ଚାୟତ ବାହାକଣ ଓ ଅନନ୍ତପୁର ପଞ୍ଚାୟତ ଭୁଆସୁଣୀ ଗ୍ରାମକୁ ସଂଯୋଗ କରିଥିବା ଗ୍ରାମ ଉନ୍ନୟନ ବିଭାଗ ପ୍ରଧାନମନ୍ତ୍ରୀ ସଡ଼କ ମରାମତି କାର୍ଯ୍ୟ ଚାଲିଛି। ଏଥିପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳ ହୋଇଛି। କିନ୍ତୁ ରାସ୍ତା ନିର୍ମାଣ କରୁଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ପିଚୁ କାର୍ଯ୍ୟ ହେବାର ଗୋଟିଏ ଦିନ ପରେ ରାସ୍ତାରୁ ଖଣ୍ଡ ଖଣ୍ଡ ପିଚୁ ଅତଡ଼ା ଛାଡି ରାସ୍ତା କଡ଼ରେ ପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଠିକା ସଂସ୍ଥା ପୁନର୍ବାର ଏହାର ମରାମତି କରି ଉନ୍ନତମାନର କାର୍ଯ୍ୟ କରିବାକୁ ତାଳଗାଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ରାସ୍ତାରୋକୋ ସହ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାସ୍ତାଟି ୪ ପଞ୍ଚାୟତ ଅପଣ୍ଡରା, ବରମୁଣ୍ଡଳୀ, କୁସୁପୁର ଓ ଅନନ୍ତପୁର ପଞ୍ଚାୟତକୁ ସଂଯୋଗ କରୁଛି। ଏହା ତିହୁଡି ମରିଚପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତା ଉପରେ ବହୁ ଲୋକେ ନିର୍ଭରଶୀଳ। ରାସ୍ତାଟି ଖାଲଖମାରେ ପୁରି ଯାଇଥିଲା। ସ୍ଥାନୀୟ ଜନସାଧାରଣ ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ଏହାର ମରାମତି କାର୍ଯ୍ୟ ଜାରି ରହିଛି। କିନ୍ତୁ କାର୍ଯ୍ୟରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହେଉଥିବା କାରଣରୁ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତାରୁ ଯେଉଁଭଳି ଭାବେ ପିଚୁ ଉଠୁଛି ଆସନ୍ତା ଏକ ମାସ ମଧ୍ୟରେ ଏହି ରାସ୍ତା ଅବସ୍ଥା ପୁନର୍ବାର ଶୋଚନୀୟ ହୋଇଯିବ ବୋଲି

ପାଗଳ ଦଳାଇ,ସିଦ୍ଧାର୍ଥ ଦଳାଇ, ମିଲୁ ସ୍ୱାଇଁ, ପାପୁନି ସ୍ୱାଇଁ, ଗଡିଆ ଦଳାଇ, ଅଶୋକ ଦଳାଇ, ଟୁଟୁ କରଣ, ସରୋଜ ନାୟକ, ଗଣିଆ ସ୍ୱାଇଁ, ଆଦିତ୍ୟ ଦଳାଇ, ମିଲୁ ଦଳାଇ, ରବୀନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ବାରିକ ଓ ବନ୍ଧୁ ନାୟକ ପ୍ରମୁଖ ଆଶଙ୍କାବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସଞ୍ଜୟ କୁମାର ସ୍ୱାଇଁ କହିଛନ୍ତି, ମୁଁ ଘଟଣା ସ୍ଥଳକୁ ଯାଇ ସ୍ଥିତି ଯାଞ୍ଚ କରିବି, ଯଦି କୌଣସି ସ୍ଥାନରେ ପିଚୁ ଉଠିଥାଏ ତେବେ ଠିକାଦାର ପୁନର୍ବାର ଉକ୍ତ କାର୍ଯ୍ୟ କରିବେ।

## ସଂକ୍ଷେପରେ

### ବାଘ ଛାଲ ଜବତ, ଜଣେ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ବୌଦ୍ଧ(ଅଜିତ ବାରିକ)/ ଖଜୁରିପଡ଼ା (ବିଦୁର ବେହେରା) ୨୦।୧: କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ ବୌଦ୍ଧ ଜିଲା ପୁରୁଣା କଟକ ଥାନା ରାଣୀପଥର ଗାଁ ନିକଟରେ ଶନିବାର ଚଢାଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିଛି । ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁରୁଦୁକୁମ୍ପା ନୂଆସାହିରେ ଗୌତମ ବେହେରା (୫୫)। ଗୌତମ ବାଘ ଛାଲ ରଖି ବିକ୍ରି ପାଇଁ ଯୋଜନା କରୁଥିବା ନେଇ କୌଣସି ସୂତ୍ରରୁ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ଚଢାଉ କରିଥିଲା। ଜବତ ବାଘ ଛାଲଟିକୁ ବାୟୋଲୋଜିକାଲ ଟେଷ୍ଟ ପାଇଁ ଡେରାଡୁନ୍‌ସ୍ଥିତ ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆକୁ ପଠାଯିବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହାସହ ଏସ୍‌ଟିଏଫ୍ ଏକ ମାମଲା (ନଂ.୦୨/୨୪) ରୁଜୁ କରି ଗୌତମଙ୍କୁ ହରଭଙ୍ଗା ଜେଏମ୍ଏଫ୍‌ସି କୋର୍ଟକୁ ପଠାଯାଇଥିଲା । ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କୋଦଳାରେ ଯୋଗଦେବେ ୪ ଏମ୍‌ବିବିଏସ୍

କୋଦଳା,୨୦।୧(ଅମିତ କୁମାର ପଟ୍ଟନାୟକ)
ଶୁକ୍ରବାର ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଚିଠି ଅନୁସାରେ ଜିଲାରେ ଥିବା ବିଭିନ୍ନ ଚିକିତ୍ସା କେନ୍ଦ୍ରଗୁଡିକରେ ମୋଟ ୧୫୬ ଜଣ ଡାକ୍ତରଙ୍କୁ ନିଯୁକ୍ତ ଦିଆଯାଇଛି। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଞ୍ଚ ଏମ୍‌ବିବିଏସ୍, ପାଞ୍ଚ ବିଶେଷଜ୍ଞ ଏବଂ ଜଣେ ମୁଖ୍ୟ ଚିକିତ୍ସାଧିକାରୀ ଏପରି ମୋଟ ୧୧ଜଣ ଡାକ୍ତର ଆବଶ୍ୟକ ଥିବା ବେଳେ ନିର୍ଦ୍ଦେଶନାମା ଅନୁସାରେ ବର୍ତ୍ତମାନ କୋଦଳାକୁ ୪ଜଣ ଏମ୍‌ବିବିଏସ୍ ଯୋଗଦେବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ କୌଣସି ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହୋଇନଥିବା ବେଳେ ମୁଖ୍ୟ ଚିକିତ୍ସାଧିକାରୀ ମଧ୍ୟ ନିଯୁକ୍ତ ହୋଇନାହାନ୍ତି। ଫଳରେ ବର୍ତ୍ତମାନ ବେଗୁନିଆପଡା ଡାକ୍ତର କୋଦଳା ମୁଖ୍ୟ ଚିକିତ୍ସାଧିକାରୀ ରହିଥିବା ବେଳେ ବେଗୁନିଆପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଜଣେ ଆୟୁଷ ଡାକ୍ତର। କୋଦଳାରେ ଆହୁରି ୬ ଜଣ ଡାକ୍ତର ଆବଶ୍ୟକ ହେଉଛି। ସେପଟେ ବେଗୁନିଆପଡ଼ା ଏବଂ ସୁମଣ୍ଡଳ ସ୍ୱାସ୍ଥ୍ୟକେନ୍ଦ୍ରକୁ କୌଣସି ଡାକ୍ତରଙ୍କୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ହୋଇ ନ ଥିବାରୁ ଏହାକୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟବାସୀ।

### ନବୋଦୟ ପ୍ରବେଶିକା ପରୀକ୍ଷା

ଦିଗପହଣ୍ଡି,୨୦।୧(ଅଶେଷ ନାଥ ମିଶ୍ର)
ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀଙ୍କ ତତ୍ତ୍ୱାବଧାନରେ ୨ଟି ପରୀକ୍ଷା କେନ୍ଦ୍ରରେ ୪୦୮ ଜଣ ପରୀକ୍ଷା ଦେଇଥିଲେ। ଏବିଇଓ ବାଳା ମାଝୀ, ରସାନନ୍ଦ ଘଡ଼େଇ, ବିଶ୍ୱବା ପାଇକ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଣିଗ୍ରାହୀ ଓ ବଡ଼ଖେମୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ କୋରାପ୍ରସାଦ ଦାସ ସହଯୋଗ କରିଥିଲେ।

# ମୃତଦେହ ରଖି ଟାୟାର ଜାଳି ରାସ୍ତା ଅବରୋଧ

## କାର୍-ଅଟୋ ମୁହାଁମୁହିଁ ଧକ୍କା, ଯାତ୍ରୀଙ୍କ ମୃତ୍ୟୁ



ହିଞ୍ଜିଳିକାଟୁ, ୨୦।୧(ଦ୍ୱିତୀକୃଷ୍ଣ ପଣ୍ଡା):
ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଏକ କାର୍ ସହ ଯାତ୍ରୀବାହୀ ଅଟୋ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଅଟୋ ଯାତ୍ରୀ ଜୌତନ୍ୟପଡା ଗ୍ରାମର ପବନା ଦାସଙ୍କ ମୃତ୍ୟୁ ଘଟିଥିଲା। ଶନିବାର ପବନାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁକୁ ବିଳମ୍ବରେ ପହଞ୍ଚିବାରୁ ଉତ୍ତ୍ୟକ୍ତ ଗ୍ରାମବାସୀ ଜାତୀୟ ରାଜପଥ ନଂ ୫୯ରେ ଟାୟାର ଜାଳି ବିକ୍ଷୋଭ କରିବା ସହ ୧୦ ଲକ୍ଷ ଟଙ୍କା ସହାୟତା ଓ ମୃତକଙ୍କ ପରିବାରର ଜଣକୁ ଚାକିରି ଦାବି କରିଥିଲେ। କରିଛନ୍ତି। ପ୍ରକାଶ ଯେ, ଶୁକ୍ରବାର କାର୍ (ଓଡ଼ଠ୭ଏଜେ ୬୯୧୭)ସହ ଯାତ୍ରୀବାହୀ ଅଟୋ (ଓଡ଼ି୦୭ଏ ୫୭୧୮)ମୁହାଁମୁହିଁ ଧକ୍କା ହେବାରୁ ପବନା ଦାସ(୨୬)ଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ବ୍ରହ୍ମପୁର ବଡ ଡାକ୍ତରଖାନାରୁ ଗାଁକୁ ଆଣିବା ପାଇଁ ଆମ୍ବୁଲାନ୍ସ ନମିଳିବାରୁ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ମରଶରୀର ଗାଁରେ ନ ପହଞ୍ଚିବାରୁ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶନିବାର ଅପରାହ୍ନ୨ଟାରୁ ହିଞ୍ଜିଳି ଥାନା ଚୈତନ୍ୟପଡା ନିକଟ ୫୯ ନଂ ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ହିଞ୍ଜିଳି ପୋଲିସର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଆସିକା ଏସଡିପିଓ ଉମାଶଙ୍କର ସିଂ, ଅତିରିକ୍ତ ତହସିଲଦାର, ହିଞ୍ଜିଳି ଆଇଆଇସି ଶ୍ରୀନିବାସ ସେଠି ଓ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ନିଜ ଜିଦରେ ଅଟଳ ରହିଛନ୍ତି । ଖବର ଲେଖା ସୁଦ୍ଧା ଲୋକମାନେ ବିକ୍ଷୋଭ ଜାରି ରଖିଛନ୍ତି।

# ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି




ଆନ୍ଦୋଳନରତ ପ୍ରାଣୀ ଚିକିତ୍ସକ।

ପାରଳାଖେମୁଣ୍ଡି, ୨୦।୧(ଗିରିଧାରୀ ପରିଛା): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସାକମାନେ କଳା ବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦୀର୍ଘ ବର୍ଷ ଧରି ବିନା ପଦୋନ୍ନତିରେ ତିନି ଗୁଣ କାର୍ଯ୍ୟ ଭାର ବହନ କରି ନିଜର ସେବା ଜାରି ରଖିଥିବା ପ୍ରାଣୀ ଚିକିତ୍ସକମାନେ ସରକାରଙ୍କ ନିକଟରେ ବାରମ୍ବାର ଦାବି କଲେ ମଧ୍ୟ ଦାବି ପୂରଣ ହେଉନଥିବାରୁ ସମୂହ ଛୁଟିରେ ରହି କଳାବ୍ୟାଜ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିଛନ୍ତି। ଦାବି ପୂରଣ ନ ହେବା ଯାଏଁ କାମରେ ଯୋଗଦେବେ ନାହିଁ ବୋଲି କହିଛନ୍ତି। ଦାବି ପୂରଣ ହେଉନଥିବାରୁ ପୁଣି କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ସଂଘ ଓହ୍ଲାଇଛି ବୋଲି ଜିଲା ପ୍ରାଣୀ ଚିକିତ୍ସା ସେବା ସଂଘର ସଭାପତି ଡାକ୍ତର ରମାକାନ୍ତ ରାଣା, ସଂଯୋଜକ ଡାକ୍ତର ବି. ସାଇ ସନ୍ଦୀପ ଓ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ କହିଛନ୍ତି।

# ଟାଙ୍ଗଣାପଲ୍ଲୀ ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ଛତ୍ରପୁର, ୨୦।୧
(ସନ୍ତୋଷ ପାଢ଼ୀ / ଦିଲ୍ଲୀପ ସାମଲ):



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଟାଙ୍ଗଣାପଲ୍ଲୀ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତିକାକୁ ବିଧାୟକ ସୁବାସ ଚନ୍ଦ୍ର ବେହେରା ଉନ୍ମୋଚନ କରିଥିଲେ। ସରପଞ୍ଚ ବି. ସୁଦାମଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଆମ ଓଡିଶା ନବୀନ ଓଡିଶା ଯୋଜନାରେ ୧୦ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା କହିଥିଲେ। ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ, ସମିତି ସଭ୍ୟା ମିନା କୁମାରୀ ସାହୁ, ପୂର୍ବତନ ସରପଞ୍ଚ କୁମାରୀ ପ୍ରଧାନ ଓ ପ୍ରକାଶ ବିଷୋୟୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ମହାନାଦପୁର ସରପଞ୍ଚ ରବିନ୍ଦ୍ର ରାଉଳ, ବିପୁଲିଙ୍ଗି ସରପଞ୍ଚ ହିନା ସେଠି, ଶ୍ରୀରାମଚନ୍ଦ୍ରପୁର ସମିତି ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ,ପୋଟଲାମପୁର ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଏନ ଦୁର୍ଯ୍ୟୋଧନ ରେଡ୍ଡୀ ଓ ମଥୁରା ଚରଣ ସୁବୁଦ୍ଧି, ଯୁବନେତା କାଳିଆ ନାହାକ, ବାପି ଦାସ, ଅମରେଶ କୁମାର ସାହୁ, ଗଗନ କୁମାର ନାହାକ, ଅଶ୍ୱିନୀ କୁମାର ସାହୁ, ଗୁଣ୍ଡିଚା ସ୍ୱାଇଁ, ବି. ଚନ୍ଦ୍ରମଣି ପାତ୍ର, ଶିକ୍ଷାବିତ କୋରା ମହାରଣା, କନିଷ୍ଠ ଯନ୍ତ୍ରୀ ଜୟସେନ ବେହେରା, ପିଇଓ ଦଣ୍ଡପାଣି ପ୍ରଧାନ, ଜିଆରଏସ ବସନ୍ତ ରାଉଳ, କେ. ଲୋକେଶ ରେଡ୍ଡୀ ଓ ଉମ୍ମରୁ ରେଡ୍ଡୀଙ୍କ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା କର୍ମଶାଳା

ଖଣ୍ଡପଡ଼ା,୨୦।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଜିପିଓ ଅନିତ କୁମାର ବଡସେଟଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ଖଣ୍ଡପଡା ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚମାନେ ଯୋଗଦେଇଥିଲେ । ଅପରପକ୍ଷେ ଯୋଜନା ଅଧୀନରେ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ପର୍ଯ୍ୟାୟ କ୍ରମେ ୫ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ଋଣ ଦିଆଯିବାର ବ୍ୟବସ୍ଥା ରହିଛି । ଏହାଛଡା କୌଶଳ ତାଲିମ ପରେ ୫ ଦିନର ମୌଳିକ ତାଲିମ ପାଇଁ ଦୈନିକ ୫ଶହ ଟଙ୍କା ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ରହିଥିବା ଜଣାଯାଇଛି । ତାଲିମ ସହ ଜଡିତ ଯନ୍ତ୍ରପାତି କ୍ରୟ ପାଇଁ ପ୍ରୋତ୍ସାହନ ଭାବେ ୧୫ ହଜାର ଟଙ୍କା ଅନୁଦାନ ପ୍ରଦାନ କରିବାର ସୁବିଧା କରାଯାଇଥିବା ନେଇ ସୂଚନା ମିଳିଛି ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ଉତ୍ସବରେ ଉପସ୍ଥିତ ଅତିଥି।

ରାମଗିରି,୨୦।୧(ବୃନ୍ଦାବନ ଗୌଡ଼)
ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରିଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ୨୦୨୩-୨୪ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର ନାୟକଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଛାତ୍ରୀଛାତ୍ରମାନେ ଅତିଥିମାନଙ୍କୁ ପାରମ୍ପରିକ ଆଦିବାସୀ ନୃତ୍ୟରେ ମଞ୍ଚ ନିକଟକୁ ପାଛୋଟି ଆଣିଥିଲେ ଏବଂ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପପ୍ରଜ୍ୱଳନ କରାଯାଇଥିଲା। ଗଜପତି ଜିଲା ମଙ୍ଗଳ ଅଧିକାରୀ ମମତା ରାଣୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ରାୟଗଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ସାହୁକାର ମୁଖ୍ୟବକ୍ତା ଭାବେ ନିଜର ଅଭିଭାଷଣ ରଖିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅଜିତ କୁମାର ପରିଛା ଓ ଶିକ୍ଷକ ପ୍ରଦିପ୍ତ କୁମାର ନାୟକ ମଞ୍ଚ କରିଥିଲା ବେଳେ ଅନୁଷ୍ଠାନର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ନୂଆ-ଓ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ




ପାରଳାଖେମୁଣ୍ଡି,୨୦।୧ (ଗିରିଧାରୀ ପରିଛା): ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ପାରଳାଖେମୁଣ୍ଡି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନୂଆ-ଓ ତଥା ଯୁବ ଓଡିଶା, ନବୀନ ଓଡିଶା ଅନ୍ତର୍ଗତ କ୍ରୀଡା ଓ ଖେଳ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୀରେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଉତ୍ସବରେ ୭ଟି ବ୍ଲକ ସମେତ କାଶୀନଗର ଓ ପାରଳାଖେମୁଣ୍ଡି ପୌରପରିଷଦର ଯୋଗଦେଇ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨୩ ତାରିଖରେ ଗଜପତି ଷ୍ଟାଡିୟମଠାରେ ବିଜେତା ଦଳକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଶନିବାର ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି। ଶେଷରେ ସହକାରୀ ଜିଲାପାଳ ତଥା ଜିଲା କ୍ରୀଡ଼ା ଅଧିକାରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚକରା ବିଷୋୟୀଙ୍କ ଜୟନ୍ତୀ ପାଳିତ

ଜଗନ୍ନାଥପ୍ରସାଦ/ବେଲଗୁଣ୍ଠା,୨୦।୧
(ବିଭୁ ପ୍ରସାଦ ପଟ୍ଟନାୟକ/କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)
ଖମାରପଲ୍ଲୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ବିପ୍ଳବୀ ଚକରା ବିଷୋୟୀଙ୍କ ୨୦୧ ତମ ଜୟନ୍ତୀ ପାଳିତ ହୋଇଛି। ଘୁମୁସର ନାଟକ ମହୋତ୍ସବ ସମିତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଜଗନ୍ନାଥ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ଏବିଇଓ ମନୋରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ଘୁମୁସର ସମ୍ବାଦ ପ୍ରତିଷ୍ଠାତା ନେତାଜୀ ବିଷୋୟୀ ମୁଖ୍ୟବକ୍ତା, ଉପଦେଷ୍ଟା ଆଦିକନ୍ଦ ଗୌଡ଼, ନାଟ୍ୟକାର ପ୍ରଫୁଲ୍ଲ ବେହେରା, ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଗୁରୁ ନାରାୟଣ ମହାରଣା ମଞ୍ଚାସୀନ ଥିଲେ।

ସେହିପରି ବେଲଗୁଣ୍ଠା ବ୍ଲକ ନାଟଙ୍ଗା ଚକରା ବିଷୋୟୀ କ୍ଲବ୍‌ରେ ନାଟଙ୍ଗା ଗ୍ରାମ୍ୟ ପରିଚାଳନା କମିଟି ସଭାପତି ଭାସ୍କର ଲେଙ୍କାଙ୍କ ସଭାପତିତ୍ୱରେ ବ୍ଲକ ସ୍ତରୀୟ ଚକରା ବିଷୋୟୀ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅଧ୍ୟାପକ ସୁଶାନ୍ତ କୁମାର ଲେଙ୍କା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ହୃଷୀକେଶ ବିଶ୍ୱାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ପ୍ରଫୁଲ୍ଲ ବେହେରା, ଅଧ୍ୟାପକ ଦିବ୍ୟ ଲୋଚନ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ପଣ୍ଡା, ଶିକ୍ଷକ ଶିଶିର କୁମାର ସ୍ୱାଇଁ, କ୍ଲବ୍ ସଦସ୍ୟ ଜୁରେଶ୍ୱର ଲେଙ୍କା, ବରିଷ୍ଠ କଳାକାର ସଂଘ ସଭାପତି ସୁରେନ୍ଦ୍ର କୁମାର ପ୍ରଧାନ, ଉପସଭାପତି ଶିବରାମ ରାଉତ, ସଂଯୋଜକ ଈଶ୍ୱର ଚନ୍ଦ୍ର ଗୌଡ଼, ଗ୍ରାମ ଉପସଭାପତି ସୁବାଷ ଲେଙ୍କା ଉପସ୍ଥିତ ଥିଲେ।




ଜଗନ୍ନାଥପ୍ରସାଦଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ମିଳିଲା ୨ଲକ୍ଷ

ଜଗନ୍ନାଥପ୍ରସାଦ,୨୦।୧(ବିଭୁ ପ୍ରସାଦ ପଟ୍ଟନାୟକ)
ଜଗନ୍ନାଥପ୍ରସାଦ ବ୍ଲକ ଗେରେଡା ପଞ୍ଚାୟତ ଦିଗାମ୍ବରପଲ୍ଲୀ ଗାଁରେ ଗତ ସେପ୍ଟେମ୍ବର ମାସ ୧୩ ତାରିଖରେ ଜମିରେ କାମ କରୁଥିବା ସମୟରେ ବଜ୍ରପାତରେ ୫୫ ବର୍ଷୀୟ ମହିଳା କନକ ନାୟକଙ୍କ ମୃତ୍ୟୁ ଘଟିଥିଲା। ସେ ପ୍ରତାପୁର ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ପ୍ରଧାନମନ୍ତ୍ରୀଙ୍କ ଫସଲ ସୁରକ୍ଷା ଯୋଜନାରେ ମାତ୍ର ବାର୍ଷିକ ୨୦ ଟଙ୍କା ପ୍ରିମିୟମ ବାନ୍ଧି ଏହି ଯୋଜନାରେ ସାମିଲ ହୋଇଥିଲେ। ମୃତ୍ୟୁ ପରେ ଶନିବାର ଉତ୍କଳ ଗ୍ରାମିଣ ବ୍ୟାଙ୍କ ପକ୍ଷରୁ ମୃତ କନକଙ୍କ ପୁଅ ସୀମାଞ୍ଚଳଙ୍କୁ ଡକାଇ ଦୁଇ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି। ଏହି ଅର୍ଥ ରାଶି ପାଇ ସୀମାଞ୍ଚଳ ଖୁସି ପ୍ରକଟ କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିରେ ବ୍ୟାଙ୍କ ମ୍ୟାନେଜର ପ୍ରତୀକ ଜଗନ୍ନାଥ ସାହୁ, କୋଷାଧ୍ୟକ୍ଷ ସାଗର ଦଳେଇଙ୍କ ସମେତ ଅନ୍ୟ କର୍ମଚାରୀ ଅକ୍ଷୟ ପ୍ରଧାନ ଓ ଲୋକନାଥ ପଣ୍ଡା ଉପସ୍ଥିତ ଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ରମ୍ଭା,୨୦।୧(ବନବାସୀ ସେଠୀ)
ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀଜଗନ୍ନାଥଙ୍କ ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତା ଅଧ୍ୟକ୍ଷ ଡ଼ଃ.ରଞ୍ଜନ କୁମାର ଦାଶଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପକ ନୋଡାଲ ଅଫିସର ରମେଶ ଚନ୍ଦ୍ର ବେହେରା କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ସଂଯୋଜକ ଭାବେ ପ୍ରାଧ୍ୟାପକ ଡ଼ଃ. ଗୋବିନ୍ଦ ଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ କାଳୁ ଚରଣ ଜେନା ପ୍ରମୁଖ ମଞ୍ଚାସିନ ହୋଇ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଭାଷାର ସୁରକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅମର ନାୟକ, ଶରତ ଚନ୍ଦ୍ର ଯୋଷୀ, ରାଜେନ୍ଦ୍ର ନାହାକ, ଲଳିତେନ୍ଦୁ ବେହେରା, କାଳିଆ ବେହେରା, ପ୍ରମୋଦ ଚନ୍ଦ୍ର ପଣ୍ଡା, ବିଶ୍ୱନାଥ ରଥ, ସୁରେନ୍ଦ୍ର ନାଥ ମିଶ୍ର, ସତ୍ୟବାନ ପଣ୍ଡା, ଶିବ ଶଙ୍କର ପଣ୍ଡା, ବିଦ୍ୟାଧର ବାରିକ, ବୈକୁଣ୍ଠ ନାହାକ, ଧରଣୀ ଧର ମଲିକ, ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଟିଏ ଦିନରେ ୨ ମୃତ୍ୟୁ, କାରଣ ଅସ୍ପଷ୍ଟ

ଫିରିଙ୍ଗିଆ/ଗୋଛାପଡ଼ା,୨୦।୧
(ବିକ୍ରମ ଦିଗାଲ/ରୋହିତ କହଁର)
ଫିରିଙ୍ଗିଆ ବ୍ଲକ ଗଛାପଡ଼ା ଥାନା ଅଞ୍ଚଳରେ ଶନିବାର ୨ ଜଣ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେମାନେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଭଟାଗୁରା ଗାଁର ହେମନ୍ତ ଭୋଇଙ୍କ ପୁଅ କିଶାନ(କନ୍ଧ) ଓ ଫିରିଙ୍ଗିଆ ଥାନା ଅନ୍ତର୍ଗତ ମାଝିପଡ଼ା ଗାଁର ସିଦ୍ଧେଶ୍ୱର ପାତ୍ରଙ୍କ ପୁଅ ବିକ୍ରମ। ଗଛାପଡ଼ା ଥାନା ଅନ୍ତର୍ଗତ ବାରନ୍ଧାପଡ଼ା ଗ୍ରାମପଞ୍ଚାୟତ ଭଟାବହାଲି କଟଡ଼ି ସାହି ଗାଁରେ କିଶାନ ମହୁଲ ଗଛରେ ଝୁଲି ରହିଥିବା ବେଳେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ଜଣାପଡ଼ିନାହିଁ। ସେହିପରି ଉକ୍ତ ଥାନା ଅନ୍ତର୍ଗତ ଡମ୍ବିଡ଼ିଆ ଗାଁରେ ରୋଷେଇ ଘରେ ବିକ୍ରମ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଗଛାପଡ଼ା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା କହିଛନ୍ତି। ଏ ନେଇ ଗଛାପଡ଼ା ଥାନାରେ ନଂ ୨/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଛି।

# 'ପଶା ପାଳି' ମନମୋହିଲା





ପାରଳାଖେମୁଣ୍ଡି,୨୦।୧ (ଗିରିଧାରୀ ପରିଛା):

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ

ପାରଳାଖେମୁଣ୍ଡିଠାରେ ଦକ୍ଷିଣ ଓଡ଼ିଶାର ଅଗ୍ରଣୀ ନାଟ୍ୟ ସଂଗଠନ କ୍ରିଏଟିଭ ଆର୍ଟସ ଦ୍ୱାରା ସ୍ଥାନୀୟ ଅର୍ବାନ ବ୍ୟାଙ୍କ ପଡିଆ ଠାରେ ଚାଲିଥିବା ଦଶମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିଳ୍ପପତି ଡ. ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଶିକ୍ଷାବିତ ଦୁର୍ଗାପ୍ରସାଦ ପାଢ଼ୀ, ବରିଷ୍ଠ ନେତା ବସନ୍ତ ଦାସ ମଞ୍ଚାସୀନ ଥିଲେ। ନାଟକର ଅନ୍ତୁଡ଼ିଶାଳ ପାରଳାରେ ଏକ ଦଶନ୍ଧି ଧରି ଅସ୍ଥାୟୀ ମଞ୍ଚ ନିର୍ମାଣ କରି ନାଟକ ପରମ୍ପରା ବଜାୟ ରଖିବା ପାଇଁ ଅତିଥିମାନେ ପ୍ରଶଂସା କରିଥିଲେ। ଆୟୋଜକମାନଙ୍କ ପକ୍ଷରୁ ସ୍ଥାୟୀ ରଙ୍ଗମଞ୍ଚ ଓ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ଦାବି ପୁଣି ଉଠିଥିଲା। ଅନୁଷ୍ଠାନର ସଭାପତି ନୃସିଂହ ଚରଣ ପଟ୍ଟନାୟକ ସଭାକୁ ସଭାପତିତ୍ୱ କରିଥିବା ବେଳେ ଉପ ସଭାପତି ଏମ ପୃଥ୍ୱୀରାଜ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ଆଦର୍ଶ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ମନୋଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ସନ୍ଧ୍ୟାରେ ନାଟକ 'ପଶାପାଳି' ପରିବେଷଣ କରିଥିଲେ ଭୁବନେଶରର ପଞ୍ଚଧ୍ୱନି ନାଟ୍ୟ ପରିଷଦର କଳାକାରମାନେ। ନାଟକକୁ ପଞ୍ଚାନନ ଦାସ ରଚନା କରିଥିବା ବେଳେ କରୁଣା କର ସାମଲ ନିର୍ଦ୍ଦେଶନା ଦେଇଥିଲେ। ଗଣତନ୍ତ୍ର ଲୋକଙ୍କ ପାଇଁ ଲୋକଙ୍କ ଦ୍ୱାରା। ହେଲେ ସମୟ କ୍ରମେ ଏହା କଳୁସିତ ହୋଇ ଏକ ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଗୋଷ୍ଠୀଙ୍କ ହାତରେ ଦେଶର ଗଣତନ୍ତ୍ର। ଯଦି ସାଧାରଣ ଲୋକଟିଏ ନିଜ ଅଧିକାର ଭାବି ନିର୍ବାଚନ ମଇଦାନକୁ ଓହ୍ଲାଇବ ତେବେ ଆଜି ସେ ତଳି ତଳାନ୍ତ ହେବା ଥୟ। ତେଣୁ ଦେଶକୁ ଦୁର୍ନୀତିମୁକ୍ତ ଗଣତନ୍ତ୍ରକୁ ସ୍ୱଚ୍ଛ ଓ ଅବାଧ କରିବାକୁ ପ୍ରତ୍ୟେକ ନାଗରିକଙ୍କୁ ପ୍ରଥମେ ପରିବର୍ତ୍ତନ ଆଣିବାକୁ ହେବ। ଏପରି ଏକ କାହାଣୀକୁ ନେଇ ଲେଖା ହୋଇଥିବା ନାଟକରେ ସବୁ କଳାକାରଙ୍କ ଅଭିନୟ ମର୍ମସ୍ପର୍ଶୀ ହୋଇଥିଲା।

## ସଂକ୍ଷେପରେ

### ମୋବାଇଲ ଚୋରି ଅଭିଯୋଗରେ ଯୁବକ ଗିରଫ

ପାଣିକୋଇଲି,୨୦।୧(ବିକାଶ ମଲ୍ଲିକ)

ପାଣିକୋଇଲି ପୋଲିସ ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଔପଦା ଗ୍ରାମର ରାକେଶ ମହାନ୍ତି। ପାଣିକୋଇଲି ଅଟୋ ଷ୍ଟାଣ୍ଡ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ପଥରପଦା ପଞ୍ଚାୟତର ରଥ ଦାସଙ୍କ ପୁଅ ଶ୍ୟାମ ସୁନ୍ଦର ଏକ ଅଟୋରେ ବସିଥିଲେ। ଏହି ସମୟରେ ରାକେଶ ତାଙ୍କ ସାର୍ଟ ପକେଟରେ ଥିବା ମୋବାଇଲକୁ ଝାମ୍ପି ନେଇ ଦୌଡ଼ି ପଳାଇ ଯାଇଥିଲେ। ଏନେଇ ଶ୍ୟାମ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୫।୧୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଏସ୍ଆଇ ବିଶ୍ୱରଞ୍ଜନ ଦାସ ସୂଚନା ଦେଇଛନ୍ତି।

### ୭ ବିଧାନସଭା କ୍ଷେତ୍ର ପାଇଁ କଂଗ୍ରେସର ସଂଯୋଜକ ନିଯୁକ୍ତ

ଯାଜପୁର ଟାଉନ,୨୦।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଆଗାମୀ ସାଧାରଣ ନିର୍ବାଚନ-୨୦୨୪କୁ ଆଖି ଆଗରେ ରଖି ତୃଣମୂଳସ୍ତରରୁ ଭାରତୀୟ ଜାତୀୟ କଂଗ୍ରେସ ତା'ର ସଂଗଠନକୁ ମଜବୁତ କରୁଛି। ଦଳୀୟ ପ୍ରାର୍ଥୀଙ୍କୁ ବିଜୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ ପାଇଁ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଓଡ଼ିଶାର ୧୪୭ ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନମଣ୍ଡଳୀସ୍ତରୀୟ ସଂଯୋଜକ ନିଯୁକ୍ତି କରିଛନ୍ତି। ଏଥିରେ ଯାଜପୁର ଜିଲାର ୭ ବିଧାନସଭା କ୍ଷେତ୍ର ଯଥା; ବିଞ୍ଝାରପୁର ପାଇଁ ସଂଗ୍ରାମ ସାହାଣୀ, ବରୀ ପାଇଁ ବିଭୂତି ଭୂଷଣ ମହାପାତ୍ର, ବଡ଼ଚଣା ପାଇଁ ଦୁର୍ଯ୍ୟୋଧନ ବେହେରା, ଧର୍ମଶାଳାର ସଂଗ୍ରାମ କେଶରୀ ଜେନା, ଯାଜପୁରରେ ବଟକୃଷ୍ଣ ମହାପାତ୍ର, କୋରେଇ ପାଇଁ ଦିଲୀପ ଦାଶ ଓ ସୁକିନ୍ଦା ପାଇଁ ଅନୁପ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି।

### ଦୋଷୀଙ୍କୁ ୫ ବର୍ଷ ଜେଲ

କେନ୍ଦୁଝର,୨୦।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଫାଷ୍ଟ ଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ବିଚାର ହୋଇଛି। ବିଚାରପତି ବିଜୟ କୁମାର ମିଶ୍ର ମାମଲାରେ ଅଭିଯୁକ୍ତ ଶରତ ପାତ୍ର(୫୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସର କାରାଦଣ୍ଡ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ତେଲକୋଇ ଥାନା କୁଣ୍ଢେଇହତା ଗ୍ରାମର ଜଣେ ୭ ବର୍ଷ ବୟସର ନାବାଳିକା ୧ ଏପ୍ରିଲ ୨୦୨୦ରେ ଗ୍ରାମ ଦାଣ୍ଡରେ ସାଥି ପିଲାଙ୍କ ସହ ଖେଳୁଥିଲେ। ଶରତ ଚକୋଲେଟ ଏବଂ ବିସ୍କୁଟ ଦେବ କହି ଘର ଭିତରକୁ ଡାକିନେଇ ବଳାତ୍କାର କରିଥିଲେ। ଝିଅର ମାଆ ଜାଣିବା ପରେ ତେଲକୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେଲକୋଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଶନିବାର ଦିନ ପୋକ୍ସୋ କୋର୍ଟର ବିଚାରପତି ୧୫ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ରିପୋର୍ଟକୁ ଭିତ୍ତି କରି ଉପରୋକ୍ତ ରାୟ ପ୍ରକାଶ କରିଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

# ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ଖୁବ୍‌ଶୀଘ୍ର

- ସମୀକ୍ଷା କଲେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ
- ଫେବୃଆରୀ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ

ଯାଜପୁରରୋଡ୍,୨୦।୧(ପବିତ୍ର ରଞ୍ଜନ ମହାନ୍ତି)



ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଷ୍ଟାଡିୟମ ସମ୍ପର୍କରେ ଆଲୋଚନା କରୁଛନ୍ତି।

ବ୍ୟାସନଗରସ୍ଥିତ ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ଏଥିପାଇଁ ଶନିବାର ପୂର୍ବାହ୍ନରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଏବଂ ଆରକ୍ଷୀ ଅଧୀକ୍ଷକ ଭିନିତ ଅଗ୍ରୱାଲ ଷ୍ଟାଡିୟମ ପରିଦର୍ଶନ କରି ଆବଶ୍ୟକ କାର୍ଯ୍ୟ ଉପରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଜିଲା ଖଣିଜ ପାଣ୍ଠିରୁ ୧୦ କୋଟି ଟଙ୍କା ଅନୁଦାନ ମଞ୍ଜୁର କରାଯାଇଛି। ଉନ୍ନତୀକରଣ କାର୍ଯ୍ୟ ପାଇଁ ଡିପିଆର ପ୍ରସ୍ତୁତ କରାଯାଇ ଫେବୃଆରୀ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ସମୁଦାୟ ୧୫ ଏକର ଜମିରେ ନିର୍ମିତ ଷ୍ଟାଡିୟମର ୧୦ ଏକର ଜମିକୁ ବାଦ ଦେଲେ ଆଉ ୫ ଏକର ଜଙ୍ଗଲ କିସମର ବିଭାଗୀୟ ଅନୁମତି ମିଳିପାରିନାହିଁ। ଏଣୁ ନିର୍ବିବାଦୀୟ ୧୦ ଏକର ଜମି ଉପରେ ଉନ୍ନତୀକରଣ କାର୍ଯ୍ୟ କରାଯିବାକୁ ପ୍ରଶାସନିକ ନିଷ୍ପତ୍ତି ହୋଇଛି।

ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଏହି ପରିଦର୍ଶନ ସମୟରେ ଜିଲା ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ବେହୁରିଆ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ାବିତମାନେ ପହଞ୍ଚି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ୱାଗତ କରିବା ସହିତ ଷ୍ଟାଡିୟମର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। କ୍ରୀଡ଼ାବିତ ବଜ୍ରବାହୁ ସାମନ୍ତ କେଶରୀ ସାମଲ, ଖବରଦାତା ଚିନ୍ତାମଣି ପାଢ଼ୀ, ସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ସଦସ୍ୟ ଶିଶିର ରାଉତ ଏବଂ ବନ୍ଦେ ବ୍ୟାସନଗର ସଦସ୍ୟମାନେ ଉପସ୍ଥିତ ରହି ଜମିର କିସମକୁ ନେଇ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ।

ଷ୍ଟାଡିୟମର ବିକାଶ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ନିକଟରେ ବନ୍ଦେ ବ୍ୟାସନଗର ପକ୍ଷରୁ କ୍ରୀଡ଼ାବିତମାନେ ଆନ୍ଦୋଳନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଯାଇ ଦାବି ରଖିଥିଲେ। କ୍ରୀଡ଼ାବିତ ସାମଲ ଷ୍ଟାଡିୟମର ଉନ୍ନତୀକରଣ ପାଇଁ ୨ ମାସ ଧରି ଷ୍ଟାଡିୟମ ସମ୍ମୁଖରେ ଧାରଣା ଦେବାସହ ଆମରଣ ଅନଶନ ମଧ୍ୟ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ୟାସନଗରରୁ ଦୌଡ଼ି ଦୌଡ଼ି ୨୧ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଠାରେ କ୍ରୀଡ଼ା ସଚିବ ଭିନୀଲ କ୍ରିଷ୍ଣା ଷ୍ଟାଡିୟମ ଉନ୍ନତୀକରଣ ପାଇଁ ୧୬ କୋଟି ଅନୁଦାନ ରାଶି ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ କ୍ରୀଡ଼ାବିତ ସାମଲ ପ୍ରକାଶ କରି ଆନ୍ଦୋଳନରୁ ଓହରି ଯାଇଥିଲେ। ସେହିଦିନ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଜିଲା ଖଣିଜ ପାଣ୍ଠିରୁ ୧୦ କୋଟି ଓ କ୍ରୀଡ଼ା ବିଭାଗରୁ ୧୬ କୋଟି ସମୁଦାୟ ୨୬ କୋଟି ଟଙ୍କା ଅନୁଦାନରେ ଷ୍ଟାଡିୟମର କ୍ରୀଡ଼ା ଭିତ୍ତିଭୂମି ବିକାଶ କରାଯିବାକୁ ପ୍ରତିଶ୍ରୁତି ଦେଇଥିବା ସାମଲ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ହେଲେ ଏବେ କେବଳ ଜିଲା ଖଣିଜ ପାଣ୍ଠିରୁ ୧୦ କୋଟି ମଞ୍ଜୁର ହୋଇଥିବାରୁ ଏହା ଜିଲାବାସୀ ଓ କ୍ରୀଡ଼ାବିତଙ୍କୁ ବ୍ୟଥିତ କରିଛି।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସୁକିନ୍ଦା,୨୦।୧(ସତ୍ୟଜିତ ଦାଶ)

ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ଏବଂ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ବ୍ଲକ ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନମ୍ରତା ମୋଦି ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରିଆ ଯୋଗଦେଇ ସାମାଜିକ ସୁରକ୍ଷା ନିମନ୍ତେ ସରକାରୀ ଯୋଜନା ଏବଂ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗରେ ୧୦୫ ଜଣ, ଚକ୍ଷୁବିଭାଗରେ ୪୩, ଶ୍ରବଣ ଏବଂ ବାକଶକ୍ତିବାଧିତ ବିଭାଗରେ ୫୦, ମନସ୍ତାତ୍ତ୍ୱିକ ବିଭାଗରେ ୪୩ ଓ ଭେଷଜ ବିଭାଗରେ ୯ ଜଣ ନାମ ପଞ୍ଜୀକୃତ କରିଥିଲେ। ୩ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

# ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ସମ୍ପତ୍ତି



ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୨୦।୧(ବଟକୃଷ୍ଣ ପରିଡ଼ା)

**ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ**

ଧର୍ମଶାଳା ବ୍ଲକ ଅଧୀନ ଥାନୁଆଳ ପଞ୍ଚାୟତ ମୁରାରୀପୁରସ୍ଥିତ ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ପ୍ରାଧ୍ୟାପକ ପ୍ରମୋଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟର ସମ୍ପତ୍ତି। ତେଣୁ ସେମାନଙ୍କ ସହଯୋଗରେ ବିଦ୍ୟାଳୟର ଉନ୍ନତି ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ ଯୋଗଦେଇ ଶିକ୍ଷାନୁଷ୍ଠାନ ଜଣେ ଆଦର୍ଶ ନାଗରିକ ଗଢ଼ି ତୋଳେ ଓ ପୁରାତନ ଛାତ୍ର ସଂସଦ ଭାଇଚାରାକୁ ମଜଭୁତ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାଶ, ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ବୈଜ୍ଞାନିକ ଡ. ଶିଶିର ମନ୍ତ୍ରୀ, ସୁଲେଖିକା ବିଜୟଲକ୍ଷ୍ମୀ ପଟ୍ଟନାୟକ, ହରିଦାସପୁରସ୍ଥିତ ରାମକୋ ସିମେଣ୍ଟ କାରଖାନା ଉପାଧ୍ୟକ୍ଷ ଅଜିତ ପାଳ, କାରଖାନା ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ ସିଂ, ଏଜିଏମ୍ ସର୍ବେଶ୍ୱର ମହାପାତ୍ର, ଅସିଷ୍ଟାଣ୍ଟ ପୋଲିସ କମିଶନର ଅମିତାଭ ମହାପାତ୍ର, ରାଜ୍ୟ ମାଧ୍ୟମିକ ଶିକ୍ଷକ ସଂଘ ନେତା ଦୈତାରୀ ମଲ୍ଲିକ, ସୁବର୍ଣ୍ଣ ଜୟନ୍ତୀ କମିଟି ଉପଦେଷ୍ଟା ଶରତଚନ୍ଦ୍ର କର, ଅବସରପ୍ରାପ୍ତ ଶିକ୍ଷକ ବିଜୟ ଦାଶ ପ୍ରମୁଖ ଯୋଗଦେଇଥିଲେ। ପୁରାତନ ଛାତ୍ର ପଞ୍ଚାନନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଡ. ଦିଲୀପ ନାୟକ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସ୍କୁଲ୍ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସେଠୀ ସୂଚନା ପ୍ରଦାନ କରିଥିବା ବେଳେ ପୁରୁଷୋତ୍ତମ ଜେନା ଓ ପ୍ରସନ୍ନ ରାଉତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଞ୍ଜୀବ ମଲ୍ଲିକ ବେଦପାଠ କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଣକର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ନାରାୟଣ ନନ୍ଦ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପଞ୍ଚାୟତରୁ ଅର୍ପଣ ରଥରୁ ସଂଗୃହୀତ ଅର୍ଥ ଚୋରି

ବୈଶିଙ୍ଗା,୨୦।୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତ କାର୍ଯ୍ୟାଳୟରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତ ମୁଖ୍ୟ କବାଟର ତାଲା ଭାଙ୍ଗି ଅର୍ପଣ ରଥରୁ ସଂଗୃହୀତ ଅର୍ଥ ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ନେଇଛନ୍ତି। ଏ ନେଇ ଅଭିଯୋଗ ପରେ ବୈଶିଙ୍ଗା ପୋଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ତଦନ୍ତ କରୁଛି। ସୂଚନା ଅନୁଯାୟୀ, କାର୍ଯ୍ୟାଳୟର ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ଯାଇଥିବା ଲୋକେ ଦେଖି ସରପଞ୍ଚ ଗୋପୀନାଥ ସିଂଙ୍କୁ ଖବର ଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରୁ ଦୁଇଟି କମ୍ପ୍ୟୁଟର ସେଟ, ଗତ କିଛି ଦିନ ପୂର୍ବରୁ ଆସିଥିବା ଏକ ଦାମୀ ଏଲଇଡ଼ି, ଇନଭର୍ଟର, ବ୍ୟାଟେରୀ ସମେତ ଭଡ଼ା ଏବଂ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ଅର୍ପଣ ରଥ ବୁଲି ସଂଗ୍ରହ ହୋଇଥିବା ପାଖାପାଖି ୩୦ହଜାର ଟଙ୍କା ଚୋରି ହୋଇଥିବାର ସରପଞ୍ଚ, ପିଇଓ , ଜିଆରଏସ ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସରପଞ୍ଚଙ୍କ ପକ୍ଷରୁ ବୈଶିଙ୍ଗା ଥାନାରେ ଏତଲା ଦିଆଯାଇଥିଲା। ମାମଲାକୁ ଭିତ୍ତି କରି ବୈଶିଙ୍ଗା ପୋଲିସ ତଦନ୍ତ ଚଳାଇଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ଦିଗରେ ଅଭିଯୁକ୍ତଙ୍କ ସମ୍ପର୍କରେ କୌଣସି ସୁରାକ ମିଳିପାରି ନ ଥିବା ନେଇ ଥାନାଧିକାରୀ ତପନ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

### ୧୯୭୦ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ବାଲିଚନ୍ଦ୍ରପୁର,୨୦।୧(ଗିରିଜା ପ୍ରସାଦ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ ଖଡ଼ିଅଙ୍ଗ ଉଚ୍ଚ ବିଦ୍ୟାଳୟ ୧୯୭୦ ମସିହା ମାଟ୍ରିକ୍ ବ୍ୟାଚର ଏକ ବନ୍ଧୁମିଳନ ବନ୍ଦରେଶ୍ୱର ଲଙ୍ଗୁଳିମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩୪ ବର୍ଷ ପରେ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ବିଦ୍ୟାଳୟ ପୁରାତନ ଛାତ୍ର ବିଜୟ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବ ପ୍ରାରମ୍ଭରେ ବ୍ୟାଚ୍‌ର ଦିବଂଗତ ଛାତ୍ର ଉମାକାନ୍ତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶରତ ଚନ୍ଦ୍ର ସାମଲ, ଦିଗାମ୍ବର ଗନ୍ତାୟତ, ଶକୁନ୍ତଳା ଦାଶ, ସ୍ୱର୍ଣ୍ଣଲତା ଦାଶ, ନଟବର ନାୟକ, ଗଣେଶ୍ୱର ବେହେରା, ନିତ୍ୟାନନ୍ଦ ସାମଲ, କାହ୍ନୁଚରଣ ଲେଙ୍କା, ରମେଶ ଚନ୍ଦ୍ର ସାହାଣୀ ଓ ରମେଶ ଚନ୍ଦ୍ର ଗଡ଼ନାୟକଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ବନ୍ଧୁ ମିଳନରେ ସାମିଲ ହୋଇଥିବା ପୁରାତନ ଛାତ୍ରୀଛାତ୍ର।

### ଅନାଦି ସାହୁଙ୍କ ବିୟୋଗରେ ଶୋକ

ଯାଜପୁରରୋଡ୍,୨୦।୧ (ପବିତ୍ର ରଞ୍ଜନ ମହାନ୍ତି)

ପୂର୍ବତନ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ, ବରିଷ୍ଠ ପୋଲିସ ଅଧିକାରୀ ତଥା ରାଜନେତା ଅନାଦି ସାହୁଙ୍କ ବିୟୋଗରେ ଶନିବାର ଯାଜପୁର ରୋଡ୍ ଆଥଲେଟିକ ଆସୋସିଏଶନ ପକ୍ଷରୁ ଶୋକପ୍ରକାଶ କରାଯାଇଛି। ଆସୋସିଏଶନ କର୍ମକର୍ତ୍ତା ଦୁର୍ଯ୍ୟୋଧନ ରାଉତ, ରସାନନ୍ଦ ମହାନ୍ତି, କୃଷ୍ଣଚନ୍ଦ୍ର ସାମଲ, ମନୋରଞ୍ଜନ ହରିଶ୍ଚନ୍ଦ୍ର ସିଂ, ନିତ୍ୟାନନ୍ଦ ସାମଲ, ବିଜୟ ନାୟକ, ଗଣନାଥ ରାଉତ, ଅଶୋକ ରାଉତ, ମନିନ୍ଦ୍ର ଧଳ, ବିଶ୍ୱମ୍ଭର ରାଉତ, ଅଭିମନ୍ୟୁ ରାଉତ, କୈଳାଶ ଜେନା ପ୍ରମୁଖ ଯୋଗଦେଇ କହିଥିଲେ, ସାହୁଙ୍କ ପ୍ରଚେଷ୍ଟା ଓ ଉଦ୍ୟମ ଫଳରେ ୮୦ ଦଶକରେ ଯାଜପୁରରୋଡ ଷ୍ଟାଡିୟମର ବହୁ କାର୍ଯ୍ୟ ହୋଇଥିଲା। ସାହୁ କ୍ରୀଡ଼ା ନିର୍ଦ୍ଦେଶକ ଥିବାସମୟରେ ରାଜ୍ୟରେ କ୍ରୀଡାବଜେଟ ମାତ୍ର ଏକ କୋଟି ଥିଲା। ସେ କେନ୍ଦ୍ର ସରକାରଙ୍କଠାରୁ ୧୬ଲକ୍ଷ ଅର୍ଥ ଅନୁଦାନ ଆଣି ଏହି ଷ୍ଟାଡିୟମର ଉନ୍ନତି କରିଥିଲେ। ଉକ୍ତ ଅନୁଦାନରେ ଦର୍ଶକ ଗ୍ୟାଲେରି ଆଦି ବହୁ କାର୍ଯ୍ୟ ହୋଇ ପାରିଥିଲା। ତେଣୁ ତାଙ୍କ ସେହି ଉଦ୍ୟମକୁ ଭୁଲିହେବନାହିଁ ବୋଲି ମତପ୍ରକାଶ ପାଇଥିଲା। ତାଙ୍କ ବିୟୋଗରେ ରାଜ୍ୟ ଜଣେ ଦକ୍ଷ, ସଚ୍ଚୋଟ ପ୍ରଶାସନିକ ଅଧିକାରୀ, କ୍ରୀଡ଼ାନୁରାଗୀ ଓ ରାଜନେତାଙ୍କୁ ହରାଇଲା ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ।

# ପାଣିକୋଇଲି ଟ୍ରମା କେୟାରକୁ 'ଧରଣୀଧରଙ୍କ' ନାମରେ ନାମିତ ଦାବି

ପାଣିକୋଇଲି,୨୦।୧(ବିକାଶ ମଲ୍ଲିକ)

କୋରେଇର ଲୋକପ୍ରିୟ ରାଜନେତା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଓ ଜିଲା ପରିଷଦ ସଦସ୍ୟ ଧରଣୀଧର ଘଡ଼ାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଣିକୋଇଲି କଲ୍ୟାଣ ମଣ୍ଡପଠାରେ ଧରଣୀଧର ଘଡ଼ାଇ ସ୍ମୃତି ସଂସଦ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଯାଇଛି। ଏଥିରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସାମିଲ ହୋଇ ଘଡ଼ାଇ କିପରି ସାଧାରଣ ପରିବାରରୁ ଆସି ଲୋକପ୍ରିୟ ରାଜନେତା ହୋଇପାରିଲେ ଓ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ।

ପାଣିକୋଇଲିଠାରେ ଉଦ୍‌ଘାଟନ ଅପେକ୍ଷାରେ ଥିବା ଟ୍ରମା କେୟାର ଓ ସୁପର ସ୍ପେଶିଆଲିଟି ହସ୍ପିଟାଲର ନିର୍ମାଣ ପଛରେ ଘଡ଼ାଇଙ୍କ ଅବଦାନ ଅତୁଳନୀୟ। ତେଣୁ ଉକ୍ତ ଟ୍ରମା କେୟାରକୁ ଧରଣୀ ଟ୍ରମା କେୟାର ନାମରେ ନାମିତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ନେଇ ସ୍ଥିର କରାଯାଇଥଲା।

ଘଡ଼ାଇଙ୍କ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଓକିଲ ଚନ୍ଦ୍ରଶେଖର ପଣ୍ଡା, ବିବେକାନନ୍ଦ ମହାନ୍ତି, ଦିଲୀପ ମଲ୍ଲିକ, ବିଦ୍ୟାଧର ମହଣ୍ଟି, କଂଗ୍ରେସ ନେତା ପଦ୍ମାକର ଗୁରୁ, ଅକ୍ଷୟ ଜେନା, ସଦାଶିବ ଦାସ, ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ଆଲୋକ ମହାନ୍ତି, ଗଣେଶ ସାହୁ, ଡା. ନିର୍ମଳ ରଥ, ସାମ୍ବାଦିକ ସୁବାସ ଧଳ, ସନ୍ତୋଷ ବେହେରା, ସାମାଜିକ କର୍ମୀ ଇଂ. ବିଶ୍ୱଜିତ ମହାନ୍ତି, ଦେବକାନ୍ତ ବଳ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ, ପ୍ରମୋଦ ବିଶ୍ୱାଳ ଓ ହରେକୃଷ୍ଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଦ୍ୟାଳୟରେ ସାହିତ୍ୟ, ସୃଜନଶୀଳତା ଉତ୍ସବ

ବଡ଼ଚଣା,୨୦।୧(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୈତାରୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକଭାବେ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ମୁଖ୍ୟଅତିଥି ଭାବେ ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଶିକ୍ଷା ଏକ ଜୀବନ ବ୍ୟାପୀ ସାଧନା। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଶିକ୍ଷା ଗ୍ରହଣ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଖବରଦାତା ଭକ୍ତଚରଣ ସାହୁ, ମୋ ସ୍କୁଲ ଉପସଭାପତି ଦେବଯାନୀ ପ୍ରଧାନ, ସ୍କୁଲ୍ ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ଶେଖର ବେହେରା, ସରପଞ୍ଚ ଅକ୍ଷୟ ରାଉତରାୟ, ବଳରାମ ରଣା, ଶିକ୍ଷୟିତ୍ରୀ ପ୍ରତିମା ରାୟଚୌଧୁରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ମିଶ୍ର ଯୋଗଦେଇ ମା, ମାଟି, ମାତୃଭାଷାକୁ ଭଲ ପାଇବା ପାଇଁ ଆହ୍ୱାନ ଦେଇଥିଲେ।

ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ ମୋ କଥା,ମୋ କାହାଣୀକୁ ଅତିଥି ଉନ୍ମୋଚନ କରିଥିଲେ। ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ାଙ୍ଗନ କ୍ଲବ, ଜିଜ୍ଞାସା କ୍ଲବ, କୌଶଳୀ କ୍ଲବ, ସାହିତ୍ୟ ସୃଜନୀ କ୍ଲବର ଅଧିନାୟକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ପ୍ରାରମ୍ଭରେ ଅତିଥି ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ, ଗୋପବନ୍ଧୁ, ଗୌତମ ବୁଦ୍ଧ ଓ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ ସମୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମଦମୁକ୍ତ ଓଡ଼ିଶା ଗଠନ ପାଇଁ ସଂକଳ୍ପ

ରସୁଲପୁର,୨୦।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ହରିପୁର ରୋଡ୍‌ରେ ଥିବା ହରଗୌରୀ ମନ୍ଦିର ପ୍ରାଙ୍ଗଣରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଜିଲାସ୍ତରୀୟ ସମୀକ୍ଷା ବୈଠକ ସଭାପତି ଇଂ. ବିଶ୍ୱଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭିଯାନର ରାଜ୍ୟ ସଭାପତି ତଥା ଲିକର ଫ୍ରିଇଣ୍ଡିଆର ଆବାହକ ପଦ୍ମଚରଣ ନାୟକ ଯୋଗଦେଇ ଓଡ଼ିଶାକୁ ମଦମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ରାଜ୍ୟରେ ଅବାଧ ମଦ କାରବାର ପାଇଁ ଅନୁମତି ଦିଆଯିବାରୁ ଜନସାଧାରଣଙ୍କ ପାଇଁ ବିପତ୍ତି ସୃଷ୍ଟି ହୋଇଛି। ପାରିବାରିକ ହିଂସାରେ ମୃତାହତ ଘଟଣା ପଛର ଅସଲ କାରଣ ସାଜିଛି ମଦ। ରାଜସ୍ୱ ଆଦାୟରେ ଅନ୍ଧହୋଇ ସରକାର ଜନସାଧାରଣଙ୍କ ଅନିଷ୍ଟକାରୀ ନିଶାଦ୍ରବ୍ୟ କାରବାରକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ବୈଠକରେ ମତପ୍ରକାଶ ପାଇଛି।




ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାଜନର ସମୀକ୍ଷା ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। ସେଥିମଧ୍ୟରୁ ୩ଟି ପ୍ରମୁଖ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଇଛି। ସେଗୁଡ଼ିକହେଲା ଚଳିତମାସ ୩୦ତାରିଖ ଶହୀଦ୍ ଦିବସରେ ଜିଲାର ସମସ୍ତ ପଞ୍ଚାୟତ ସମିତିରେ ନିଶାର ପ୍ରାଦୁର୍ଭାବ କମାଇବା ପାଇଁ ଲୋକଙ୍କୁ ସଚେତନ କରାଯିବ। ଆସନ୍ତା ସାଧାରଣ ନିର୍ବାଚନରେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଏକ ମୁଦ୍ଦା ଭାବରେ ଗ୍ରହଣ କରାଯିବ। ଏଥିସହିତ ପଥପ୍ରାନ୍ତ ନାଟକ ଜରିଆରେ ଗାଁଗାଁରେ ମଦ ବିରୋଧୀ ସଚେତନତାକୁ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ବୈଠକରେ ସଂଗଠନର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଯୋଗଦେଇ ଯାଜପୁର ଜିଲାର ୧୦ ବ୍ଲକରେ ଗୋଟିଏ ଲେଖାଏ କମିଟି ଗଠନ କରାଯାଇ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। କମିଟିର କାର୍ଯ୍ୟାବଳୀକୁ ଅନୁଧ୍ୟାନ କରାଯାଇ ବ୍ଲକସ୍ତରୀୟ କମିଟିଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି କହିଛନ୍ତି। ଚିଲିକା ନିର୍ବାଚନମଣ୍ଡଳୀର ମଦ ବିରୋଧୀ ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ଶୁଭେନ୍ଦୁ ରାୟ ଯୋଗଦେଇ କର୍ମୀମାନଙ୍କୁ ନିଶା ନିବାରଣ ଆନ୍ଦୋଳନକୁ ଅତି ଧୈର୍ଯ୍ୟପୂର୍ଣ୍ଣ ଭାବରେ ଆଗକୁ ନେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଦଶରଥପୁର ବ୍ଲକ ସଭାପତି ମଳୟ ପଣ୍ଡା, ଧର୍ମଶାଳା ବ୍ଲକର ଗୋଲକ ଚନ୍ଦ୍ର ପଲେଇ, ବିଜୟ ଦାସ, କୃଷକ ଲକ୍ଷ୍ମଣ ଦାଶ, ଅର୍ଜୁନ ଚରଣ ସାମନ୍ତରାୟ, ସତ୍ୟନାରାୟଣ ସାମନ୍ତସିଂହାର, ସୁରେନ୍ଦ୍ର ପୃଷ୍ଟି, ଖଗେଶ୍ୱର ବଳ, ତାରାକାନ୍ତ ଆଚାର୍ଯ୍ୟ ଓ ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ ଗାଁସ୍ତରରୁ ମଦମୁକ୍ତ ଆନ୍ଦୋଳନକୁ ଆଗେଇ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ସଂକ୍ଷେପରେ

### ନଳିନୀକାନ୍ତ ମହାନ୍ତିଙ୍କ ଜୟନ୍ତୀ ପାଳିତ



ରାଜନଗର,୨୦।୧(ଭାସ୍କର ରାଉତରାୟ)-ରାଜନଗରର ଭୂମିପୁତ୍ର, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ୭୪ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକ କଂଗ୍ରେସ କମିଟିର ସଭାପତି ଦେବେନ୍ଦ୍ର କୁମାର ଜେନା, କଂଗ୍ରେସ ନେତା ସନ୍ତୋଷ କୁମାର ମହାନ୍ତି, ଅଶୋକ କୁମାର ବଳ, ମୋହନ କୁମାର ଦାସ, ସରୋଜ ଜେନା, ଅଲେଖ ବେହେରା, ରବିନ୍ଦ୍ର ରାଉତ, ସମୀର ସେଠୀ, ସାଗର ବଳ, ସୂର୍ଯ୍ୟମଣି ଜେନା, ମହେଶ୍ୱର ରାଉତ, ବିଚିତ୍ର ମଲିକ, ସତ୍ୟବାନ ସେଠୀ, ଦାମୋଦର ମହାନ୍ତି, ଗୌତମ ରାଉତ, ବାଦଲ ବଳ, ଅଶୋକ କୁମାର ପ୍ରଧାନ, ଅନିରୁଦ୍ଧ ମଲିକ, ଦିଗାମ୍ବର ସାହୁ, ବଳରାମ ରାଉତ ପ୍ରମୁଖ କଂଗ୍ରେସ କର୍ମୀମାନେ ନଳିନୀବାବୁଙ୍କ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

### ଶ୍ରୀରାମ ସେନା ପକ୍ଷରୁ ୨୨ରେ ଯଜ୍ଞ,ଶୋଭାଯାତ୍ରା

ରାଜନଗର,୨୦।୧(ଭାସ୍କର ରାଉତରାୟ)-ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରେ ରାମଲାଲା ପ୍ରାଣ ପ୍ରତିଷ୍ଠା ଉତ୍ସବ ସୋମବାର ୨୨ ଜାନୁୟାରୀ ୨୦୨୪ରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ପାଇଁ ରାଜନଗର ଉତ୍ସବମୁଖର ହୋଇପଡ଼ିଛି। ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ପାଳନ କରିବା ପାଇଁ ରାଜନଗରର ଶ୍ରୀରାମ ସେନା ପକ୍ଷରୁ ବିରାଟ ଆୟୋଜନ କରାଯାଇଛି। ଶ୍ରୀରାମ ସେନା କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଗତ ୨ଦିନ ହେବ ରାଜନଗର ବଜାରରେ ଗୈରିକ ପତାକାରେ ସଜା ଯିବା ସହ ଲୋକମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରାଯାଉଛି। ୨୨ ତାରିଖ ଦିନ ସକାଳ ୯ଟାରେ ପ୍ରଭୁ ଶ୍ରୀରାମଙ୍କ ରଥ ସାନବଡଗୋପାଳପୁର ପଞ୍ଚାୟତର ଘାଟରାସ୍ତାରୁ ବାହାରି ଗୋପାଳପୁର, ତ୍ରିନାଥବଜାର, ରାଜନଗର ବଜାର ଓ ଗାଁ ପରିକ୍ରମା କରି ଆରାଧ୍ୟ ଦେବତା ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ପହଞ୍ଚିବ। ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ସମୟରେ ମନ୍ଦିରରେ ଯଜ୍ଞର ଆୟୋଜନ କରାଯାଇଛି। ଏହି ଯଜ୍ଞ କାର୍ଯ୍ୟକ୍ରମରେ ଶ୍ରୀରାମ ସେନାର ମୁଖ୍ୟ ଅଧ୍ୟାପକ ସଞ୍ଜୟ କୁମାର ବାଗ୍ କର୍ତ୍ତା ଭାବେ ଉପସ୍ଥିତ ରହିବେ। ଏହିଦିବ୍ୟ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଅନୁଷ୍ଠାନର ଦେବଦତ୍ତ ସେଠୀ, ପବିତ୍ର କୁମାର ସେଠୀ, ଜଗବନ୍ଧୁ ଖଟୁଆ, ରାଘବେନ୍ଦ୍ର ମହାନ୍ତି, ଓଁକାର ଜ୍ୟୋତି ବର୍ଦ୍ଧନ, ସୁକୁମାର ମାନ୍ନା, ଅଭୟ ରାଉତ, ଲିଟନ ସେଠୀ, ବିନୋଦ ଶର୍ମା, ପଦ୍ମଲୋଚନ ପରିଡା ପ୍ରମୁଖ ଅନୁରୋଧ କରିଛନ୍ତି।

# ମଣ୍ଡିରେ ପଡ଼ିଛି ଚାଷୀଙ୍କ ଧାନ

କେନ୍ଦ୍ରାପଡ଼ା,୨୦।୧(ଜଗନ୍ନାଥ ଧଳ)

କଟ୍‌ନୀ ଛଟ୍‌ନୀ ଓ ଅନ୍ୟ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ଜିଲା କୃଷକ ସଙ୍ଗଠନ ଗତ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଣଧାରଣା ଦେଇଥିଲେ । ଖରିଫ ଧାନର ଅଭାବ ବିକ୍ରି ଠାରୁ ଆରମ୍ଭ କରି ଶସ୍ୟ ସଂରକ୍ଷଣ ସମସ୍ୟା ଉତ୍ଥାପନ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ମହାକାଳପଡ଼ା, ରାଜନଗରର ଚାଷୀ ସରକାରୀ ମଣ୍ଡିରେ ଧାନ ବସ୍ତା ଥୋଇ ବିକ୍ରି ପାଇଁ ଅପେକ୍ଷା କରିଛନ୍ତି । ଟୋକନ ଓ ମିଲର ସମସ୍ୟା ନେଇ ଅଶାନ୍ତି ଆରମ୍ଭ ହୋଇଯାଇଛି । ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିବା ବେଳେ ମିଲରଠାରୁ ଆରମ୍ଭ କରି ସମିତି କାର୍ଯ୍ୟକର୍ତ୍ତାଙ୍କ ଅଣଦେଖା ସେମାନଙ୍କୁ ବାଧୁଛି । କେବଳ ରାଜନଗର ଓ ମହାକାଳପଡ଼ାରେ ଏହି ସମସ୍ୟା ସୀମିତ ନୁହେଁ । ଜିଲା ସାରା ସରକାରୀ ମଣ୍ଡି ଆବଶ୍ୟକ ମୁତାବକ ବଳକା ଧାନ ଉଠାଉ ନ ଥିବା ଅଭିଯୋଗ ହେଉଛି । ସରକାରୀ ମଣ୍ଡିର ଏହି ଅବ୍ୟବସ୍ଥା ପାଇଁ ଅଭାବୀ ବିକ୍ରି ଆରମ୍ଭ ହୋଇଯାଇଛି । ବେପାରୀ ଓ ଅଧିକାରୀ ମାଲାମାଲ ହେବା ପାଇଁ ଅଭାବୀ ବିକ୍ରୀକୁ ପ୍ରୋତ୍ସାହିତ କରୁଥିବା ଦର୍ଶାଇ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଉଛନ୍ତି ।

ଏସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ କଂସାରୀ ଗ୍ରାମର ନିରଞ୍ଜନ ପରିଡ଼ା କହିଛନ୍ତି, ସରକାରୀ ମଣ୍ଡିରେ ଧାନ ବିକ୍ରି ହେବ । ହାତକୁ ଦୁଇ ପଇସା ଆସିଲେ ଚଳିତ ବର୍ଷ ଝିଅ ବାହାଘରର ଝାମେଲା ତୁଟିବ । ଏହି ସ୍ୱପ୍ନ ନେଇ ଘରର ସମସ୍ତ ଅର୍ଥ ଖରିଫ ଧାନ ଚାଷରେ ଲଗାଇଥିଲି । ମଣ୍ଡିରେ ଧାନ ବିକ୍ରି ପାଇଁ ଉପଯୁକ୍ତ ସମୟରେ ପଞ୍ଜୀକରଣ ହେଲା । ମୋବାଇଲରେ ଧାନ ବିକ୍ରି ପାଇଁ ସୂଚନା ଆସିଲା । ପରିବାର ସଦସ୍ୟ ଝିଅ ବାହାଘର ପାଇଁ ଅର୍ଥ ସମସ୍ୟା କିଛି ମାତ୍ରାରେ କମିଲା ବୋଲି ସରକାରୀ ବ୍ୟବସ୍ଥାକୁ ଧନ୍ୟବାଦ ଦେଲେ । ତେବେ ବଳକା ଧାନ ଅଦ୍ୟାବଧି ନେଇନାହାନ୍ତି ।



ମହାକାଳପଡ଼ା ଚାଷୀଙ୍କ ଧାନ ବିକ୍ରି ନ ହୋଇ ପଡି ରହିଛି ।

୩ ଦିନ ଧରି ଧାନ ବସ୍ତା ବାହାରେ ପଡ଼ି ରହିଥିବା ସେ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ଜ୍ୟୋତିପ୍ରକାଶ ପ୍ରଧାନ କହିଛନ୍ତି, ଜିଲା ପ୍ରଶାସନ ଚାଷୀଙ୍କ ପ୍ରକୃତ ସମସ୍ୟା ବୁଝିବାକୁ ଚେଷ୍ଟା କରି ନାହାନ୍ତି । ଚାଷୀଙ୍କଠାରୁ ଅତିବେଶୀରେ ୫୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ୭୫ କୁଇଣ୍ଟାଲକୁ ବୃଦ୍ଧି ପାଇଁ ଏକ ସ୍ମାରକପତ୍ର ଦିଆ ଯାଇଥିବା ସେ ପ୍ରକାଶ କରିଛନ୍ତି । ଗଣ୍ଡକୂଳ ଗ୍ରାମର ଚାଷୀ ତ୍ରୈଲୋକ୍ୟନାଥ ଦାସ କହିଛନ୍ତି, ଟାର୍ଗେଟ ନ ଥିବା ଦର୍ଶାଇ ଚାଷୀଙ୍କ ଖଳାର ମୂଲ୍ୟକୁ ଧାନ ବ୍ୟବସାୟୀ ଓ ପାକ୍ସ ଅଧିକାରୀମାନେ ବାଣ୍ଟି ନେଉଥିବା

- ଆନ୍ଦୋଳନକୁ ଓହ୍ଲାଇଛନ୍ତି କୃଷକ ସଙ୍ଗଠନ,ଚାଷୀ
- ସର୍ବୋଚ୍ଚ ବିକ୍ରି ୫୦ରୁ ୭୫ କୁଇଣ୍ଟାଲ ବୃଦ୍ଧି ଦାବି
- ଅଭାବୀ ବିକ୍ରିକୁ ପ୍ରୋତ୍ସାହନ ଅଭିଯୋଗ

ସେ ଅଭିଯୋଗ କରିଛନ୍ତି । ଜିଲାରେ ଚାଷୀଙ୍କ ଦରଦକୁ କେହି ବୁଝୁ ନ ଥିବାରୁ ଅଭାବୀ ବିକ୍ରିକୁ ପ୍ରୋତ୍ସାହିତ କରାଯାଉଛି । ଆଗାମୀ ଦିନରେ ଏନେଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀମାନେ ମତ ଦେଇଛନ୍ତି । ଏସମ୍ପର୍କରେ କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ଜିଲାର ୧ ଲକ୍ଷ ୨୪ ହଜାର ହେକ୍ଟର ଜମିରେ ୩ ଲକ୍ଷ ୧୧ ହଜାରରୁ ଅଧିକ ଚାଷୀ ଚଳିତ ବର୍ଷ ଖରିଫ ଧାନ ଚାଷ କରିଛନ୍ତି । ତେବେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ବଳକା ଧାନ ବିକ୍ରି ହୋଇପାରୁନାହିଁ । ଏପରିକି ଚଳିତ ବର୍ଷର ଧାନ ବିକ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ୪୦ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରୁ ପ୍ରାୟ ୨୫ ହଜାରରୁ ଅଧିକ ଚାଷୀଙ୍କ ବଳକା ଧାନ ସରକାରୀ ମଣ୍ଡିରେ ବିକ୍ରୟ ହୋଇପାରିନାହିଁ। ଜିଲାର ୧୧୮ ପାକ୍ସ ମଧ୍ୟରୁ ଅଧିକାଂଶରେ ଟୋକନ ସମସ୍ୟା ଦେଖା ଦେଇଥିବା ବେଳେ ଏବେ ଟାର୍ଗେଟ ନ ଥିବା କହି ଚାଷୀଙ୍କୁ ହତାଶ କରିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ଚାଷୀଙ୍କ ଉତ୍ପାଦ ପ୍ରତି ସୁରକ୍ଷା ପ୍ରଦାନ କରୁଥିବା କହୁଥିଲେ ମଧ୍ୟ ବାସ୍ତବରେ ଅଭାବୀ ବିକ୍ରୀକୁ ପ୍ରୋତ୍ସାହିତ କରାଯାଉଛି । ଜିଲାର ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କ୍ରୟ ନ ହେଲେ କୃଷକ ଆନ୍ଦୋଳନ ହେବ ବୋଲି ମତ ଦେଇଛନ୍ତି । ଏସମ୍ପର୍କରେ ସିଏସ୍‌ଓ ଶ୍ରୀନିବାସ ସାହୁ କହିଛନ୍ତି, ଟୋକନକୁ ନେଇ କିଛି ସମସ୍ୟା ଥିବା ଅଭିଯୋଗ ଆସିନାହିଁ । ସମୟ ଅବଧି ମଧ୍ୟରେ ଚାଷୀଙ୍କଠାରୁ ଧାର୍ଯ୍ୟ ଲକ୍ଷ୍ୟର ଧାନ କ୍ରୟ ହେବ ବୋଲି ସେ ମତ ଦେଇଛନ୍ତି ।

## ଡେରାବିଶ ମହାବିଦ୍ୟାଳୟରେ 'ନୂଆ-ଓ' ସାଂସ୍କୃତିକ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ବିଡ଼ିଓ ଦାଶରଥି ଜେନା, ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟିଙ୍କ ସହ ଅନ୍ୟମାନେ।

ଡେରାବିଶ,୨୦।୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଡେରାବିଶ ବ୍ଲକ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟରେ ଶନିବାର ନୂଆ-ଓ ପକ୍ଷରୁ ବ୍ଲକସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି ସଭାପତିତ୍ୱ କରିଥିଲେ । ବିଡ଼ିଓ ଦାଶରଥୀ ଜେନା ମୁଖ୍ୟଅତିଥିଭାବେ ଯୋଗଦେଇ ସରକାର 'ନୂଆ-ଓ' ମାଧ୍ୟମରେ କ୍ରୀଡ଼ା, ସାଂସ୍କୃତିକ ଓ ସମାଜସେବା ଆଦି କ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଏଥିପାଇଁ ଛାତ୍ରୀଛାତ୍ରମାନେ କିପରି ଆଗକୁ ଯାଇ ଏକ ସଶକ୍ତ ଓଡ଼ିଶା ଗଠନ କରିପାରିବେ ସେଥିପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଜେନା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଶାନ୍ତନୁ କୁମାର ମାଟି, ବିକ୍ରମ କୁମାର ମହାନ୍ତି ଓ ଅଧ୍ୟାପକ ଧନେଶ୍ୱର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ବୃନ୍ଦାବନ ଦାସ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଅଧ୍ୟାପକ ବିଶ୍ୱଜିତ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ପରେ ଡେରାବିଶ ବ୍ଲକ୍ ଅଧୀନ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରୀଛାତ୍ର ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଗୁରୁଚରଣ ସେଠୀ, ସଞ୍ଜୟ କୁମାର ମିଶ୍ର, ଡ.ସନ୍ଦୀପ ବଳ, ଡ. କିଶୋର ଚନ୍ଦ୍ର ମଲିକ, ଜ୍ୟୋତିର୍ମୟ ବ୍ରହ୍ମା, ଡ. ଶଶିକାନ୍ତ ମଲିକ ସହଯୋଗ କରିଥିଲେ ।

## ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ବାଦିପାଲା ମହୋତ୍ସବ

ଡେରାବିଶ,୨୦।୧(ବେବର୍ତ୍ତା ଅଜୟ ଦାସ)-କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ଅଧୀନ ଡେରାଡିହିସ୍ଥିତ ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଶୁକ୍ରବାର ସନ୍ଧ୍ୟାରୁ ୧୩୮ ତମ ବାଦିପାଲା ମହୋତ୍ସବ ଆରମ୍ଭ ହୋଇଛି । ଡେରାଡିହି ଓ କେଉଟକଣ୍ଡିଆ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବରେ ବରିଷ୍ଠ ଗାୟକ ହରିହର ପାଣିଗ୍ରାହୀ ଓ ତ୍ରିଲୋଚନ ନାୟକଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି । ପୁରାଣର କଥାବସ୍ତୁ ସହ ବର୍ତ୍ତମାନର ସାମାଜିକ ବ୍ୟବସ୍ଥାର ତୁଳନାତ୍ମକ ଆଲୋଚନା ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲା । ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଉଭୟ ଗାୟକଙ୍କ ଆଲୋଚନା ଓ ପାଳିଆଙ୍କ ଢ଼ଗଢ଼ମାଳି ପାଲାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ମହୋତ୍ସବ ବହୁ ପ୍ରାଚୀନ ହୋଇଥିବାରୁ ଗାୟକମାନଙ୍କ ଦ୍ୱାରା ପରିବେଷିତ ପାଲା ଦେଖିବା ପାଇଁ ସଂଲଗ୍ନ ଯାଜପୁର ଓ କଟକ ଜିଲା ଅଞ୍ଚଳରୁ ବହୁ ପାଲାପ୍ରେମୀ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ବରିଷ୍ଠ ଗାୟକ ଅଭିମନ୍ୟୁ ନାୟକ, ବିରଞ୍ଚି ତ୍ରିପାଠୀ ମଧ୍ୟ ଭାଗନେବା ସହ ଚଳିତ ମାସ ୨୫ ତାରିଖ ଗୁରୁବାର ଶେଷ ହେବ ବୋଲି ପାଲା କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

## ଉଚ୍ଚ ବିଦ୍ୟାଳୟରେ ଭାଷା ସାହିତ୍ୟ, ସୃଜନଶୀଳତା ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାର୍ଶାଘାଇ,୨୦।୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ରାଜ୍ୟ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ତେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସରୋଜକାନ୍ତ ଜେନାଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅନ୍ତେଇ କଲେଜ ଗଭର୍ଣ୍ଣିଂବଡି ପ୍ରେସିଡେଣ୍ଟ ଗଙ୍ଗାଧର ପରିଡ଼ା, ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ଇକୋ କ୍ଲବ କୋଅର୍ଡିନେଟର ପ୍ରଫୁଲ୍ଲ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ତୁଷାରକାନ୍ତ ଦାସ ଓ ସିଆରସିସି ପର୍ଶୁରାମ ନାୟକ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଭାଷା ସାହିତ୍ୟ ଉପରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ପିଲାମାନଙ୍କ ମଧ୍ୟରେ ମୋ କଥା ମୋ କାହାଣୀ ପୁସ୍ତକ ପ୍ରଦର୍ଶନୀ,ଗଳ୍ପ ପଠନ, କବିତା ଆବୃତ୍ତି, ବିଜ୍ଞାନ ମଡେଲ, ପ୍ରାଚୀର ପତ୍ରିକାର ପ୍ରଦର୍ଶନ ଛାତ୍ରୀଛାତ୍ରମାନଙ୍କ ପୁସ୍ତକ ସମୀକ୍ଷା କରାଯାଇଥିଲା । ବ୍ଲୁ, ରେଡ, ୟେଲୋ ଓ ଗ୍ରୀନ ହାଉସ, କୌଶଳ ଜିଜ୍ଞାସା, କ୍ରୀଡ଼ାଙ୍ଗନା, କ୍ଲବ ପକ୍ଷରୁ ଡ୍ରାମା ନୃତ୍ୟ ଅଭିନୟ କରାଯାଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ର, ପ୍ରହ୍ଲାଦ ରାଉତ, ଶୈଳେନ୍ଦ୍ର ପ୍ରସାଦ ଚୌଧୁରୀ, ଶୁଭାଶିଷ ଗୋଛାୟତ, ପ୍ରମୋଦ କୁମାର ଦାସ, ରୂପରାଜ ମହନ୍ତ, ୟକ ଗମାଙ୍ଗ, ମନସ୍ୱିନୀ ସାହୁ, ଲିଜାଲିନ ସାହୁ, ସ୍ୱର୍ଣ୍ଣଲତା ପରିଡ଼ା, ସୁଦୀପ୍ତା ସାହୁ, ଅଧୀର ସାହୁ, ଦିଲୀପ ସାହୁ ଓ ନରେନ୍ଦ୍ର ସାହୁ ପ୍ରମୁକ ସହଯୋଗ କରିଥିଲେ । ମାଣିକପୁର ନୃସିଂହ ଜୀଉ ଉଚ୍ଚ ବିଦ୍ୟାଳୟ, ପିକରଳୀ କପିଳମୁନି ଉଚ୍ଚବିଦ୍ୟାଳୟ, ଖମଗାଁ ବିନ୍ଧା ଗୋପାଳ ଜୀଉ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା ।

## ୧୯୭୭ ବ୍ୟାଚ୍‌ର ବନ୍ଧୁ ମିଳନ

ପାଟକୁରା,୨୦।୧(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଖଣ୍ଡାୟତ ପଟ୍ଟିକିରା ଉଚ୍ଚ ବିଦ୍ୟାଳୟର ୧୯୭୭ ବ୍ୟାଚ୍ ଛାତ୍ରୀଛାତ୍ରମାନଙ୍କ ବନ୍ଧୁ ମିଳନ ଓରଡିଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ଛାତ୍ର ଅଭିରାମ ଜେନାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରାକ୍ତନ ଛାତ୍ର ବିଜୟ ନାୟକ, କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ, ନିମାଇଁ ଚରଣ ରାଉତ, ଗୌରାଙ୍ଗ ଚରଣ ବେହେରା,ଦେବକାନ୍ତ ତ୍ରିପାଠୀ, ମଞ୍ଜୁଶ୍ରୀ ମିଶ୍ର, ପ୍ରତିମା ପଣ୍ଡା ସମେତ ବହୁ ଛାତ୍ରୀଛାତ୍ର ପରିବାର ସହ ଉପସ୍ଥିତ ହୋଇ ଭାବ ଆଦାନ ପ୍ରଦାନ ସହ ବିଗତ ଦିନର ସ୍ମୃତିକୁ ମନେ ପକାଇଥିଲେ । ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ଉନ୍ନତି ପାଇଁ ଆଲୋଚନା କରିଥିଲେ ।



ପୁରାତନ ଛାତ୍ରୀଛାତ୍ରମାନେ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ।

## ନୈତିକ ମୂଲ୍ୟବୋଧକୁ ଆପଣେଇବା ଉପରେ ଗୁରୁତ୍ୱ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଡେରାବିଶ,୨୦।୧(ବେବର୍ତ୍ତା ଅଜୟ ଦାସ)

**ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ 'ନୂଆ-ଓ' ଯୋଜନା ଅଧୀନ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ ସହ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗିରିଜା ପରିହାରୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ସମାଜିକ କର୍ମୀ ବିଜନ ରାୟ, ମୁଖ୍ୟବକ୍ତା 'ମୋ ସ୍କୁଲ'ର ସଭାପତି ଅନନ୍ତ ନାରାୟଣ ପରିଡ଼ା ଯୋଗ ଦେଇ ମାତୃଭାଷାକୁ ଭଲ ପାଇବା ଓ ନିଜର ଶିକ୍ଷା ସହ ନୈତିକ ମୂଲ୍ୟବୋଧ ଭିତିକ ଶିକ୍ଷାକୁ ଆପଣେଇ ନିଜକୁ ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ସଂକଳ୍ପ ନେବା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ଜେନା, ସମାଜିକ କର୍ମୀ ଗୋଲଖ ସ୍ୱାଇଁ, ବିଦ୍ୟାଳୟର ପୂର୍ବତନ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତି ଓ ପରିକ୍ଷିତ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷକ ଆଲୋକ କୁମାର ମଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ପ୍ରଭାତୀ ନନ୍ଦ, ସୁଷମା ଷଡ଼ଙ୍ଗୀ, ଶିକ୍ଷକ ରମାକାନ୍ତ ବଳ ଓ ମନୋଜ ନାୟକ ପ୍ରମୁଖ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ଦିପ୍ତିମୟୀ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ନୃତ୍ୟଗୀତ ଶୀତୁଆ ସନ୍ଧ୍ୟାକୁ ଉପଭୋଗ୍ୟ କରିଥିଲା ।

**ପଟ୍ଟାମୁଣ୍ଡାଇରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

## ୩୮ ଡାକ୍ତର ବଦଳରେ ୮

ପଟ୍ଟାମୁଣ୍ଡାଇ,୨୦।୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଭାଗ ଭାଗ କରି ରାଜନଗର, କେନ୍ଦ୍ରାପଡ଼ା ଓ ଆଳି ବିଧାନସଭା ଆସନରେ ମିଶାଇ ଦିଆଯାଇଛି। ଫଳରେ ପଟ୍ଟାମୁଣ୍ଡାଇ ତା'ର ସତ୍ତା ହରାଇ ସବୁକ୍ଷେତ୍ରରେ ଅବହେଳିତ ହୋଇପଡିଥିବା ବେଳେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ସାଧାରଣ ଭାବେ ରାଜ୍ୟ ସରକାରଙ୍କ ସାମଗ୍ରୀକ ଭାବେ କରାଯାଉଥିବା ଉନ୍ନତିମୂଳକ କାର୍ଯ୍ୟ ବ୍ୟତୀତ ପଟ୍ଟାମୁଣ୍ଡାଇ ପାଇଁ ନା ଶାସକ କିମ୍ବା ବିରୋଧୀଙ୍କ କୌଣସି ସ୍ୱତନ୍ତ୍ର ଦୃଷ୍ଟି ଭଙ୍ଗି ନ ଥିବାରୁ ବୁଦ୍ଧିଜୀବି, ସାମାଜିକକର୍ମୀ ଓ ଜନସାଧରଣଙ୍କ ମହଲରେ ମତ ପ୍ରକାଶ ପାଇଛି। ବୁଦ୍ଧିଜୀବି ପ୍ରବୀର ନାୟକ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଉପଖଣ୍ଡ ହସ୍ପିଟାଲରରେ ଡାକ୍ତର ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ହସ୍ପିଟାଲକୁ ଦୈନିକ ୫ ଶହରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ଡାକ୍ତର ଅଭାବରୁ ଲୋକମାନେ ବାଧ୍ୟ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟ ଆଉ କଟକ



ବଡ଼ ମେଡିକାଲ ଯାଉଛନ୍ତି । ଉପଖଣ୍ଡ ଚିକିତ୍ସାଳୟରେ ୩୮ ଡାକ୍ତର ରହିବାର ବ୍ୟବସ୍ଥା ଥିବା ବେଳେ ଡାକ୍ତରଖାନା ଅଧୀକ୍ଷକଙ୍କ ସମେତ ୮ ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ବର୍ତ୍ତମାନ ପ୍ରାୟ ୩୦ ଡାକ୍ତର ପଦବୀ ଖାଲି ଯୋଗୁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ସର୍ଜରୀ, ଅସ୍ଥିଶଲ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଶେଷଜ୍ଞ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି। ଭେଷଜ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ, ନିଶ୍ଚେତକ ବିଶେଷଜ୍ଞ ପଦବୀ ଖାଲି ପଡିଛି। ସେହିପରି ୬ ସହକାରୀ ସର୍ଜନ ପଦବୀ ଥିବା ବେଳେ ଏବେ ମାତ୍ର ୨ ଜଣ କାର୍ଯ୍ୟରତ ଅଛନ୍ତି । ବିଶେଷଜ୍ଞ ଡାକ୍ତର ପଦବୀ ସହିତ ଆବଶ୍ୟକ ଷ୍ଟାଫ୍ ନର୍ସ ଓ କର୍ମଚାରୀ ପଦବୀ ପୂରଣ ଲାଗି ସାଧାରଣରେ ଦାବୀ ହୋଇଛି।

ସାମାଜିକ କର୍ମୀ କ୍ଷୀରୋଦ ମଲିକ, ତ୍ରିଲୋଚନ ଦାସ, ନରେନ୍ଦ୍ର ଧଳ ପ୍ରମୁଖ କୁହନ୍ତି, ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ପ୍ରସ୍ତୁତ ସୁଦୃଢ଼ ପାଇଁ ୫-ଟି ମାଧ୍ୟମରେ ଅନେକ କୋଟି ଟଙ୍କା ଅନୁଦାନ ଆସି ଉନ୍ନତିକରଣ କରାଯାଉଛି। ତାହାର କାମ ଦ୍ରୁତ ଗତିରେ ଚାଲିଛି। କିନ୍ତୁ ସ୍ୱାସ୍ଥ୍ୟସେବାକୁ ସୁଧାରିବାକୁ ହେଲେ ଭିତ୍ତିଭୂମି ସୁଦୃଢ଼ ସହ ଖାଲିଥିବା ଡାକ୍ତର ସମେତ ଅନ୍ୟାନ୍ୟ ପଦବୀଗୁଡ଼ିକୁ ପୂରଣ କରିବାକୁ ପଡିବ। ଅପରପକ୍ଷେ ଗତ ବର୍ଷ ଡିସେମ୍ବରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ୨୪୭୩ ଜଣ ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି । ସେଥିମଧ୍ୟରୁ ପଟ୍ଟାମୁଣ୍ଡାଇ ମେଡିକାଲର ଆବଶ୍ୟକତାକୁ ଦେଖି ସରକାର ନୂତନ ବିଶେଷଜ୍ଞ ଡାକ୍ତର ଦେବାପାଇଁ ଶାସକ ଦଳ ନା ବିରୋଧୀ କେହି ସ୍ୱାର୍ଥ ଭୟରେ ସ୍ୱର ଉଠାଉ ନାହାନ୍ତି । ଏ ଦିଗରେ ବିରୋଧୀ ପ୍ରତିବାଦର ସ୍ୱର ଉଠାଉ ନ ଥିବାବେଳେ ଛୋଟ ମୋଟ କଥାକୁ ନେଇ ସୋସିଆଲ ମିଡ଼ିଆରେ ବାଦ ବିବାଦ ଛିଡ଼ା କରୁଛନ୍ତି । ନିକଟରେ ହୋଇଥିବା ଗଣମାଧ୍ୟମର ଜନମଞ୍ଚ କାର୍ଯ୍ୟକ୍ରମରେ ଅବହେଳିତ ପଟ୍ଟାମୁଣ୍ଡାଇ ପ୍ରସଙ୍ଗରେ କେହି ସ୍ୱର ନ ଉଠାଇବା ତାହା ବିରୋଧିଙ୍କ କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି । ସୋସିଆଲ ମିଡ଼ିଆରେ ଉନ୍ନତିର ସୁନେଲି ସ୍ୱପ୍ନ କେତେଜଣ ଶାସକ ଦଳର ପୃଷ୍ଠ ପୋଷକତା ଲାଭ କରିଥିବା ରାଜନେତା ଦେଖାଇ ଚାଲିଥିବା ବେଳେ ଅନ୍ତଦ୍ୱନ୍ଦ୍ୱରେ ବୁଡ଼ି ରହିଥିବା ମୁଖ୍ୟ ବିରୋଧୀ ଦଳମାନେ ନୀରବ ଦର୍ଶକ ସାଜିବାରେ ଜନସାଧାରଣଙ୍କ ନିକଟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ଡିସେମ୍ବରରେ ନିଯୁକ୍ତି ପାଇଥିବା ଡାକ୍ତର ମଧ୍ୟରୁ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ଖାଲି ପଡିଥିବା ପଦବୀ ପୂରଣ ଓ ଅନ୍ୟ ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଭାଷା, ସାହିତ୍ୟ ସୃଜନଶୀଳତା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗୋକୁଳାନନ୍ଦଜୀଉ ବିଦ୍ୟାମନ୍ଦିର ପରିସରରେ ଛାତ୍ରୀଛାତ୍ରମାନଙ୍କ ପାଇଁ ବିଦ୍ୟାଳୟସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସାହିତ୍ୟ ସୃଜନୀ, କୌଶଳୀ, ଜିଜ୍ଞାସା, କ୍ରୀଡାଙ୍ଗନ କ୍ଲବ୍‌ର ଛାତ୍ରୀଛାତ୍ର ମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ବିଭିନ୍ନ ପ୍ରକାର ପୋଷ୍ଟର, ଚାର୍ଟ ଓ ପ୍ରକଳ୍ପ ମାଧ୍ୟମରେ ଏବଂ ମୋ କଥା, ମୋ କାହାଣୀର ପାରଦର୍ଶିତା ଦର୍ଶାଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଗୀତାଞ୍ଜଳି ଜେନା, ପ୍ରସିଦ୍ଧ ପାଲା ଗାୟକ ପ୍ରଦୀପ କୁମାର ଅତବୁଦ୍ଧି ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଅଭିଭାବକ ଓ ପୁରାତନ ଛାତ୍ରୀଛାତ୍ର ମାନେ ଯୋଗଦେଇଥିଲେ ।

## ଜିଲାସ୍ତରୀୟ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶିଖରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ନୟାଗଡ଼ ଜିଲାସ୍ତରୀୟ ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଶିଖରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶନିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ନୟାଗଡ଼ ଜିଲା ପରିଷଦ ସଭାପତି ଇଂ.ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିବିରରେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ପୂର୍ବତନ ସରପଞ୍ଚ ନବ କିଶୋର ସାହୁ, ଡିପିଇଓ ଭାସ୍କର ଚନ୍ଦ୍ର ପ୍ରଧାନ ଓ ତାପସ କୁମାର ପାଢୀ ଯୋଗଦେଇ ଶିବିର ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ ଅନୁଷ୍ଠାନ ପରିସରସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ରେଡ଼କ୍ରସ ପତାକା ଉତ୍ତୋଳନ କରିଥିବା ବେଳେ ଛାତ୍ରୀଛାତ୍ରମାନେ ପାରେଡ ପ୍ରଦର୍ଶନ କରିଥିଲେ । ଏ ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ରବିବାର ଅପରାହ୍ନରେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହେବ ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରକାଶ ।

# ନାବାଳିକାଙ୍କୁ ଅସଦାଚରଣ ଓ ବଳାତ୍କାର ଉଦ୍ୟମ

ନୟାଗଡ଼,୨୦।୧(ଲୋକନାଥ ମିଶ୍ର)

- ■ମାମଲା ପରେ ପୋଲିସର ଅଭିଯୁକ୍ତ ପ୍ରତି ଅନୁକମ୍ପା
- ■ପାଲଟା ମାମଲାରେ ପୀଡ଼ିତା ପରିବାରକୁ ନିର୍ଯାତନା
- ■ଅଭିଯୁକ୍ତଙ୍କ ଆକ୍ରମଣରେ ପୀଡ଼ିତା ଗୁରୁତର

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳର ଏକ ଗାଁରେ ଜଣେ ୧୧ ବର୍ଷିୟା ନାବାଳିକାଙ୍କୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରାଯିବା ପରେ ପୋଲିସ ମାମଲା ରୁଜୁ କରିଛି । ତେବେ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ସେମାନଙ୍କୁ ଅନୁକମ୍ପା ଦେଖାଇ ପୀଡ଼ିତାଙ୍କ ପରିବାରକୁ ହଇରାଣ ହରକତ କରୁଥିବା ଅଭିଯୋଗ ହୋଇଛି । ଅଭିଯୁକ୍ତ ପରିବାର ପକ୍ଷରୁ ପାଲଟା ମାମଲାରେ ପୀଡ଼ିତା ପରିବାରକୁ ନିର୍ଯାତନା ଦେବା ସହ ଘରେ ପଶି ଫୋପଡା ଫିଙ୍ଗା, ବିଭିନ୍ନ ପ୍ରକାରର ଧମକ ଦେଇ ଫେରିଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଥାନାରେ ମାମଲା କରିବାରୁ ପୁଣି ପୀଡ଼ିତାଙ୍କୁ ଆକ୍ରମଣ କରାଯାଇଛି । ପୀଡ଼ିତା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପୋଲିସର ଏଭଳି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି। ପୀଡ଼ିତାଙ୍କର ମା'ଙ୍କ ଅଭିଯୋଗ ଅନୁସାରେ ଝିଅ ସଉଦା ପାଇଁ ଗତ ୧୭ ତାରିଖରେ ବଜାରକୁ ଯାଇଥିଲେ। ବଜାରରୁ ସଉଦା ଧରି ଘରକୁ ଫେରୁଥିବାବେଳେ ମଦନଗାଡିଆ ଗାଁର ଉତ୍କଳ ସ୍ୱାଇଁ ଓ ଓମିର ସ୍ୱାଇଁ ମିଳିତ ହୋଇ ମୋ ଝିଅକୁ ଟଣା ଓଟରା କରିଥିଲେ। ପରେ ବଳତ୍କାର କରିବାକୁ ଉଦ୍ୟମ କରୁଥିଲେ । ଏହି ସମୟରେ ଜଣେ ବ୍ୟକ୍ତି ପହଞ୍ଚି ଯିବାରୁ ଦୁଇ ଯୁବକ ଫେରାର ହୋଇ ଯାଇଥିଲେ । ତେବେ ଯିବାବେଳେ ଧମକ ଦେଇଥିଲେ ଅଭିଯୋଗ କଲେ ବଳତ୍କାର କରି ବସ୍ତାରେ ବାନ୍ଧି ଫୋପାଡି ଦେବୁ। ମିଛ କେଶ କରି ବାପା ମା'ଙ୍କୁ ଜେଲ ପଠାଇ ଦେବୁ। ଥାନାରେ ଅଭିଯୋଗ ପରେ ୩୪୧, ୨୯୪, ୩୨୩, ୫୦୬, ୩୪, ୩(୧)(ଆର), ୩(୧)(ଏସ୍), ୩(୨)(ଭିଏ) ଦଫାରେ ଏକ ମାମଲା(ନଂ.୨୩/୨୪) ରୁଜୁ ହୋଇଛି । ତେବେ ମୋର ଅଭିଯୋଗକୁ କିଛିଅଂଶରେ କାଟି ଅଭିଯୋଗକୁ ପୋଲିସ ଦଫା କାଟିବା ଉଦ୍ଦେଶ୍ୟରେ କୋହଳ କରିଛି । ଯାହା ତଦନ୍ତ ସାପେକ୍ଷ । ଅନ୍ୟପକ୍ଷେ ମୋ ଝିଅକୁ ପୁଣି ଗାଁ ମୁଣ୍ଡରେ ଦୁଇ ଅଭିଯୁକ୍ତ ମାରପିଟ୍ କରି ଆହତ କରିଛନ୍ତି । ମୋ ଝିଅ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଆମ ଗାଁରେ ଆମେ ରହିବା ଏବେ ଭୟ ଲାଗୁଛି । ଝିଅ ସୁସ୍ଥ ପରେ କେମିତି ଗାଁକୁ ଫେରିବୁ ଭୟ ଲାଗୁଛି କହି କାନ୍ଦି ପକାଇଥିଲେ ।

# ମକର ପଡ଼ିଆ ପେଣ୍ଟିଂ ରୁମ୍ ପାଖରେ ମାରପିଟ୍

ନୟାଗଡ଼,୨୦।୧(ଲୋକନାଥ ମିଶ୍ର)

**ହରିଡ଼ାବନ୍ଧରେ ଉତ୍ତେଜନା, ୨ ଗୁରୁତର**

ନୟାଗଡ଼ ଜିଲା ଗୋଡିପଡା ଫାଣ୍ଡି ହରିଡାବନ୍ଧ ମକରଯାତ୍ରାର ପେଣ୍ଟିଂ ରୁମ ପାଖରେ କଇଁଫୁଲିଆର ଦୁଇ ପରିବାର ମଧ୍ୟରେ ମାରପିଟ୍ ଘଟି ୨ ଗୁରୁତର ହୋଇଛନ୍ତି । ଆହତ ଦ୍ୱୟଙ୍କୁ ଗୋଡିପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମାରପିଟ୍‌କୁ ନେଇ ହରିଡାବନ୍ଧ ଓ କଇଁଫୁଲିଆରେ ଉତ୍ତେଜନା ଦେଖା ଦେଇଛି। ଖବର ପାଇ ପୋଲିସ ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ସୂଚନା ଅନୁଯାୟୀ, କଇଁଫୁଲିଆର ଦୁଇ ପରିବାର ମଧ୍ୟରେ ମାରପିଟ୍ ଓ ଗଣ୍ଡଗୋଳ ଗୁରୁବାର ଘଟିଥିଲା । ଗୋଟିଏ ପକ୍ଷର କେତେଜଣ ଗୁଣ୍ଡାଶ୍ରେଣୀର ଲୋକଙ୍କୁ ନେଇ ମକର ପଡ଼ିଆ ଯାତ୍ରା ପେଣ୍ଟିଂ ରୁମ ପାଖରେ ଅପର ଗୋଷ୍ଠୀ ଉପରେ ଆକ୍ରମଣ କରାଯାଇଥିଲା । କିଛି ସମୟ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଲାଗି ରହିଥିଲା। ଯାତ୍ରା କମିଟି ସଦସ୍ୟ ଓ ପୋଲିସ ପହଞ୍ଚି ଗଣ୍ଡଗୋଳକୁ ସମାଧାନ କରାଇ ଶାନ୍ତି ପ୍ରତିଷ୍ଠା କରିଥିଲେ। ଅଭିଯୋଗ ହୋଇ ନ ଥିଲେ ହେଁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ କରୁଛି।

# ରାମ ତାରକ ମହାଯଜ୍ଞ ଆରମ୍ଭ



ମହାଯଜ୍ଞ ପୂର୍ବରୁ ମହିଳାମାନେ କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଯାଉଛନ୍ତି।

ଓଡ଼ଗାଁ,୨୦।୧
(ଆଦର୍ଶ କୁମାର ପଟ୍ଟନାୟକ )

ଜୟ ଶ୍ରୀରାମ ସେବା ସମିତି ଆନୁକୁଲ୍ୟରେ ନୟାଗଡ଼ ଜିଲା ଓଡ଼ଗାଁଠାରେ ବିଜେ ଗୁପ୍ତ ଅଯୋଧାର ଅଧିଶ୍ୱର ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରାମତାରକ ଯଜ୍ଞାନୁଷ୍ଠାନ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ୫ ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ଦ୍ୱାରା କଳସଯାତ୍ରା ଓଡ଼ଗାଁ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ଅଯୋଧ୍ୟା ନଗରୀର ଭ୍ରମ ସୃଷ୍ଟି କରିଛି । ଅଯୋଧାରେ ନବନିର୍ମିତ ଭବ୍ୟ ମନ୍ଦିରରେ ବାଲୁତ ରାମଙ୍କ ବିଗ୍ରହ ସ୍ଥାପନ ଏବଂ ପ୍ରାଣ ପ୍ରତିଷ୍ଠା ଅବସରରେ ଓଡ଼ଗାଁ ରଘୁନାଥଜୀଉଙ୍କ ପୀଠରେ ଅନୁଷ୍ଠିତ ଯଜ୍ଞ ୩ ଦିନ ଧରି ଅନୁଷ୍ଠିତ ହେଉଛି । ଏହି ଉପଲକ୍ଷେ ଓଡ଼ଗାଁ ମନ୍ଦିର ରାସ୍ତାକୁ ଫୁଲ ଏବଂ ପତାକା ଦ୍ୱାରା ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି । ଶନିବାର ସକାଳେ ରାମ ସାଗର ପୁଷ୍କରିଣୀରେ କଳସ ପୂଜନ ପୂର୍ବକ ନୂତନ ବସ୍ତ୍ର ପରିହିତା ମା' ଭଉଣୀମାନେ ମସ୍ତକରେ କଳସ ଧାରଣ କରି ନଗର ପରିକ୍ରମା ପରେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ବେଢାକୁ ୩ ଥର ପରିକ୍ରମା ସହିତ ଯଜ୍ଞ ବେଦୀରେ କଳସ ସ୍ଥାପନା କରାଯାଇଥିଲା । ବୈଦିକ ବ୍ରାହ୍ମଣମାନଙ୍କ ଦ୍ୱାରା ପୀଠ ପୂଜା ସହିତ ଆନୁସଙ୍ଗିକ ପୂଜାବିଧି ସମ୍ପୂର୍ଣ୍ଣ ହୋଇଥିଲା । ଅପରାହ୍ନରେ ଅଗ୍ନି ସ୍ଥାପନ କରାଯାଇ ଘୃତଯଜ୍ଞ ଅନୁଷ୍ଠିତ ଆରମ୍ଭ ହୋଇଛି । ସନ୍ତୋଷ ପ୍ରଧାନ, ସୁଶାନ୍ତ କୁମାର ସାହୁ, ବିଷ୍ଣୁ ପ୍ରସାଦ ଭଟ୍ଟ, ବରେନ୍ଦ୍ର କୁମାର ନନ୍ଦ, ଶ୍ରୀମନ୍ତ ମହାରଣା, ଶୁରେଶ ସାମନ୍ତରାୟ , ବିଜୟ କୁମାର ଦାଶ, ମାନସ ସାହୁ, ତପନ ସାମନ୍ତରା, ସୁକାନ୍ତ ସାହୁ, କାର୍ତ୍ତିକ ପଣ୍ଡା । କର୍ତ୍ତା ସତ୍ୟନାରାୟଣ ନାୟକ ଦମ୍ପତ୍ତି ଅଂଶଗ୍ରହଣ କରିଥିବା ବେଳେ ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ଶାନ୍ତନୁ ଦାଶ, ଶିବ ଷଡ଼ଙ୍ଗୀ, ଦୁର୍ଗା ଷଡ଼ଙ୍ଗୀ, ଦିଲୀପ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି ।

## ଶରଣକୂଳରେ 'ନୂଆ-ଓ'ସାହିତ୍ୟ ପ୍ରତିଯୋଗିତା

ଶରଣକୂଳ,୨୦।୧
(ଦୀପକ କର)

ଶରଣକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ 'ନୂଆ-ଓ'ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ପରିପ୍ରେକ୍ଷୀରେ ମୁଖ୍ୟଅତିଥି ରୂପେ ପ୍ରକୃତି କବି ପ୍ରଫୁଲ୍ଲ କୁମାର ମାଝି ଯୋଗଦେଇ ଭାଷାର ଉପାଦେୟତା ବିଷୟରେ ମତ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଜିଲା ସଂଯୋଜକ ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ମିଶ୍ର ଯୋଗଦେଇ ଜଗନ୍ନାଥ ବିଶ୍ୱ ଜନତାର ପ୍ରାଣ କେନ୍ଦ୍ର ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ କବି ନିରାକାର ସ୍ୱାଇଁ ଯୋଗଦେଇ ଓଡ଼ିଆ ଭାଷା ଓ ଜଗନ୍ନାଥ ହିଁ ଓଡ଼ିଆର ସ୍ୱାଭିମାନ ବୋଲି ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଯୋଗେଶ୍ୱର ନାୟକ, ଅଧ୍ୟକ୍ଷ ବସନ୍ତ କୁମାର ରଥ, ଅଧାପକ ନାରାୟଣ ପ୍ରଧାନ, ଦୁର୍ଗାଚରଣ ନାୟକ, ମିଟୁ ସେନାପତି, ପୀତବାସ ବିଶ୍ୱାଳ, ଦିଲୀପ ସାହୁ ଓ ଅଧାପିକା ରାଜ କୁମାରୀ ବେହେରା, ସସ୍ମିତାରାଣୀ ଦାଶ, ଶୁଭଶ୍ରୀ ସାହୁ, ରଶ୍ମିତା ରାଉତରାୟ ଯୋଗଦେଇଥିଲେ। ଅଧାପିକା ଡ଼ ମନୋଜିନୀ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଘାଟିକିଆ ଟିମ୍ ବିଜୟୀ



ନୟାଗଡ,୨୦।୧(ଲୋକନାଥ ମିଶ୍ର)

**ଗୋଡିପଡ଼ା ସର୍ବଭାରତୀୟ ଫୁଟ୍‌ବଲ**

ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନୟାଗଡ଼ ଜିଲାର ଗୋଡିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠ ଖେଳ ପଡିଆରେ ଚାଲୁଥିବା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଶନିବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବଜରଙ୍ଗୀ ସ୍ପୋର୍ଟସ କ୍ଲବ ଭୁବନେଶ୍ୱର ଘାଟିକିଆ ୪-୩ ଟାଇବ୍ରେକର ଗୋଲରେ ଭଞ୍ଜନଗର ଫୁଟବଲ ଏକାଡେମୀ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳର ୧୩ ତମ ମିନିଟରେ ବଜରଙ୍ଗୀ ସ୍ପୋର୍ଟସ କ୍ଲବ ଭୁବନେଶ୍ୱର ଘାଟିକିଆର କ୍ରୀଷ୍ଣା ଦାସ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ । ଭଞ୍ଜନଗର ଫୁଟବଲ ଏକାଡେମୀ ଦଳ ଗୋଲ ପରିଶୋଧ କରିବାରୁ ବାରମ୍ବାର ପ୍ରଚେଷ୍ଟା କରି ବିଫଳ ହୋଇଥିଲେ । ପୁଣି ଦ୍ୱିତୀୟାର୍ଦ୍ଧର ୨୦ ତମ ମିନିଟରେ ବଜରଙ୍ଗୀ ସ୍ପୋର୍ଟସ କ୍ଲବର ୧୫ନଂ. ଜର୍ସୀ ଖେଳାଳୀ ସୁନିଲ ସୋରେନ ଅନୁରୂପ ଭାବେ ଗୋଲ ସ୍କୋର କରିଥିଲେ । ଭଞ୍ଜନଗର ଫୁଟବଲ ଏକାଡେମୀ ଦଳର ୧୧ ନଂ.ଜର୍ସୀ ଖେଳାଳୀ ଗୌପଦୀ ୨ୟାର୍ଦ୍ଧର ୨୭ତମ ମିନିଟରେ ଓ ୩୪ତମ ମିନିଟରେ ୧୭ ନଂ. ଖେଳାଳୀ ସାଇ ଦୁଇଟି ଗୋଲ କରି ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ । ମ୍ୟାଚ ଡ୍ର ରହିବାରୁ ରେଫେରୀଙ୍କ ନିଷ୍ପତ୍ତି ମୁତାବକ ଟାଇବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା । ଅନିନାଶ ପଟ୍ଟନାୟକ ଖେଳ ପରିଚାଳନା କରିଥିବାବେଳେ ବିପିନ ସାମନ୍ତରାୟ, ପ୍ରୀୟ ରଞ୍ଜନ ସାମନ୍ତ ସିଂହାର, ସନ୍ତୋଷ ସାହୁ ଓ ପ୍ରତାପ ମୁଦୁଲି ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉଲ୍ଲାସ ନାୟକ, ନୟାଗଡ଼ ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ସ୍ୱର୍ଣ୍ଣ ପ୍ରକାଶ ରାଉତ, ସାହୁ ଟ୍ରେଡରର ପ୍ରୋପାଇଟର ରମେଶ କୁମାର ସାହୁ, କ୍ରୀଡାବିତ ସୁଜିତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ରବିବାର ଲିଗ୍ ମ୍ୟାଚ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ ସହ ଗେହ୍ଲାମା ସ୍ପୋର୍ଟସ କ୍ଲବ ବୌଦ୍ଧ ମଧ୍ୟରେ ମୁକାବିଲା ହେବ ବୋଲି ଅନୁଷ୍ଠାନର କୋଷାଧକ୍ଷ କୁରୁପା ନାୟକ ଓ ସମ୍ପାଦକ ପିଲୁ ଦାଶ କହିଛନ୍ତି ।

# ପିଲାଙ୍କ ମଙ୍ଗଳ କାମନାକରି ଶାମ୍ବ ଦଶମୀ ପୂଜା

ଖଣ୍ଡପଡ଼ା,୨୦।୧
(ଅଜୟ କୁମାର ମହାରଣା)

ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥିକୁ ହିନ୍ଦୁ ଲୋକମାନେ ଶାମ୍ବ ଦଶମୀ ବା ଶମ୍ବର ଦଶମୀ ରୁପେ ପାଳନ କରିଥନ୍ତା ଏହି ଅବସରରେ ଶନିବାର କଣ୍ଟିଲୋ, ଖଣ୍ଡପଡ଼ା ଓ ଏହାର ଆଖପାଖ ପଥରଚକଡା, ଧାନଚେଙ୍ଗଡା, ବାଣପୁର, ବେଣାଗାଡିଆ, ସିଧାମୂଳା, ବଳରାମପ୍ରସାଦ ଆଦି ଅଞ୍ଚଳର ମହିଳାମାନେ ପାରମ୍ପରିକ ରୀତିରେ ଶାମ୍ବ ଦଶମୀ ବ୍ରତ ପାଳନ କରିଥିଲେ । ମହିଳାମାନେ ପିଲାମାନଙ୍କ ମଙ୍ଗଳ କାମନା କରି ଏହି ଶାମ୍ବ ଦଶମୀ ପୂଜା କରିଥାଆନ୍ତି।

ସୂର୍ଯ୍ୟହେଉଛନ୍ତିସକଳଶକ୍ତିରଆଧାର। ଶାମ୍ବ ଉପାଖ୍ୟାନରୁ ଜଣାଯାଏ ଯେ, ଲୀଳାମୟ ପ୍ରଭୁ ଶ୍ରୀକୃଷ୍ଣ ଓ ରାଣୀ ଜାମ୍ବବତୀଙ୍କ ତରୁଣ ପୁତ୍ର ଶାମ୍ବ ଏକଦା ପିତାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ । ଏହି ଦୂରାରୋଗ୍ୟରୁ ନିସ୍ତାର ପାଇଁ ମହର୍ଷି ଦୁର୍ବାସାଙ୍କ ଉପଦେଶ କ୍ରମେ ପୌଷମାସ ଦଶମୀ ତିଥିରେ ଶାମ୍ବ ସୂର୍ଯ୍ୟ ଉପାସନା ଆରମ୍ଭ କରିଥିଲେ । ଦୀର୍ଘ ୧୨ ବର୍ଷ କଠୋର ତପ କରିବା ପରେ ମାଘମାସ ଶୁକ୍ଳ ସପ୍ତମୀରେ ସେ ସମ୍ପୂର୍ଣ୍ଣ ରୋଗ ମୁକ୍ତ ହୋଇଥିଲେ । ଶାମ୍ବ ଯେଉଁ ତିଥିରେ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ ତାହା ଶାମ୍ବ ଦଶମୀ ନାମରେ ଖ୍ୟାତ ହେଲା । ଏହି ପ୍ରଥା ଓ ବିଶ୍ୱାସ ଅନୁଯାୟୀ ଗୃହିଣୀମାନେ ଶନିବାର ପ୍ରାତଃ କାଳରେ ସ୍ନାନ କରି ଗୃହରେ ସୂର୍ଯ୍ୟପୁରାଣ ପଠନ କରି ବିଭିନ୍ନ ଫଳ ମୂଳ,ପିଠା ଆଦି ଭୋଗ କରି ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିଥିବା ଦେଖିବାକୁ ମିଳିଥିଲା । ଏହି ତିଥିରେ ପ୍ରାତଃକାଳରେ ସୂର୍ଯ୍ୟ ପୁରାଣ, ନୃସିଂହ ପୁରାଣ ଓ ଶାମ୍ବ ପୁରାଣ ପାରାୟଣ କରାଯାଇଥାଏ । ଆଜି ଦିନରେ ସୂର୍ଯ୍ୟଙ୍କ ନିକଟରେ ତିନି ଧୂପ ପୂଜା କରାଯାଇଥାଏ । ପ୍ରଥମଧୂପଟିବ୍ରାହ୍ମମୂହୁର୍ତ୍ତରେହୋଇଥାଏ। ଏହି ଧୂପରେ ସବୁ ଫଳମୂଳ ଓ ମିଷ୍ଟାନ୍ନ ଇତ୍ୟାଦି ପୂଜା କରାଯାଇଥାଏ । ଦ୍ୱିତୀୟ ଧୂପ ମଧାହ୍ନ ସମୟରେ ଜାଉ, ଖେଚୁଡି ଆଦି ପୂଜା ନୈବେଦ୍ୟ ଓ ତୃତୀୟ ଧୂପ ସୂର୍ଯ୍ୟାସ୍ତ ବା ଗୋଧୂଳି ବେଳାରେ ସମାପିତ କରାଯାଇଥାଏ ।

## ମା'ପୂର୍ଣ୍ଣମାସୀଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଂଘାପଡା ଗ୍ରାମର ଆରାଧ ମା'ପୂର୍ଣ୍ଣମାସୀ ଦେବୀଙ୍କ ପୀଠରେ ବାର୍ଷିକ ଉତ୍ସବ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ହୋମ ଯଜ୍ଞ, ଜ୍ଞାନଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପୂର୍ଣ୍ଣାହୁତି ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମରେ ମନ୍ଦିର ପରିସର ଉତ୍ସବମୁଖର ହୋଇ ଉଠିଥିଲା । ସନ୍ଧ୍ୟା ସମୟରେ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କ ଦ୍ୱାରା ସାମାଜିକ ନାଟକ 'ଏମିତି କାହାଣୀ କେବେ ଶୁଣିନି' ମଞ୍ଚସ୍ଥ ହୋଇଥିଲା । ଅଞ୍ଚଳବାସୀଙ୍କ ସହଯୋଗରେ ମା'ପୂର୍ଣ୍ଣମାସୀଙ୍କ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୦।୧
(ଅଜୟ କୁମାର ମହାରଣା)



ସଂକଳ୍ପ ଯାତ୍ରରେ ସାମିଲ ହୋଇଥିବା ମହିଳାମାନେ।

ଖଣ୍ଡପଡ଼ା ସହରା ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ବିକଶିତ ଭାରତ ସଂକଳ୍ପ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଆସିଥିବା ବିକାଶ ରଥ ସଚେତନତା ଗାଡିରେ ଲାଗିଥିବା ଏଲଇଡି ସ୍କ୍ରୀନରେ କେନ୍ଦ୍ର ସରକାରଙ୍କ ଯୋଜନା ସମ୍ପର୍କରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପଦର୍ଶିତ କରାଯାଇଥିଲା । ଆୟୋଜିତ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆବାସ, ଉଜ୍ୱଳା ଓ ଡ଼ାକ ବିଭାଗର ସଞ୍ଚୟ ଯୋଜନା ସମ୍ପର୍କରେ ମଧ ସଚେତନ କରାଯାଇଥିଲା । ତେବେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ରରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଥିବା ବେଳେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଓ ମୌଳିକ ସୁବିଧା ସୁଯୋଗ କିପରି ଭାବେ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ଏବଂ ଯେଉଁମାନଙ୍କ ପାଖରେ ଏସବୁ ଯୋଜନା ପହଞ୍ଚିଛି ସେମାନଙ୍କର ଅନୁଭୂତି ଜାଣିବା ଲାଗି ବିକଶିତ ଭାରତ ସଂକଳ୍ପ ଯାତ୍ରା ଆୟୋଜନ କରାଯାଇଥିବା ଜଣାଯାଇଛି । ତେବେ ବିକଶିତ ଭାରତ ସଂକଳ୍ପ ଯାତ୍ରା ମାଧ୍ୟମରେ ସେ ସବୁ ସୁବିଧା ଗୁଡିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ କରାଯାଉଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ସହରାଞ୍ଚଳର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନ ହୋଇଥିବା ଜଣାଯାଇଛି ।

# ଗୁପ୍ତେଶ୍ୱର ବିଦ୍ୟାଳୟରେ ଭାଷା , ସାହିତ୍ୟ ସୃଜନଶୀଳ ଉତ୍ସବ

ଗଣିଆ,୨୦।୧(ସନ୍ତୋଷ କୁମାର ପ୍ରଧାନ)



ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଗଣିଆ ବ୍ଲକ୍ ଶିକ୍ଷା ମଣ୍ଡଳ ତରଫରୁ ଛାମୁଣ୍ଡିଆ ଗୁପ୍ତେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ସୃଜନଶୀଳତା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଭାଷା ଓ ସାହିତ୍ୟ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନା କ୍ଲବ ଗଠନ କରାଯାଇଛି । ଏହି ୪ କ୍ଲବ ମାଧ୍ୟମରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରୁଦ୍ରମାଧବ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ମୁଖ୍ୟଅତିଥି ଭାବେ ଗଣିଆ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର ନାଥ ବେହେରା, ବିଶିଷ୍ଟ ଅତିଥି ଭାବେ ଛାମୁଣ୍ଡିଆ ସରପଞ୍ଚ ଦିପ୍ତୀରେଖା ସେନାପତି, ସମ୍ମାନୀତ ଅତିଥି ଭାବେ ସହକାରୀ ଶିକ୍ଷା ଅଧିକାରୀ ବିନୋଦୀନି ପଣ୍ଡା, ନିରୂପମା ମହାପାତ୍ର , ମୋ ସ୍କୁଲ କମିଟିର ସଭାପତି କମଳ ଲୋଚନ ଦଳେଇ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରୀଛାତ୍ରମାନେ ମୋ କଥା ମୋ କାହାଣୀ, ଚିତ୍ରାଙ୍କନ, ସଙ୍ଗୀତ, କବିତା ଆବୃତ୍ତି, ନୃତ୍ୟ, କୁଇଜ, କ୍ରୀଡା, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ବାଲ୍ୟ ବିବାହ ଉପସ୍ଥିତ ଅତିଥି ଓ ଅଭିଭାବକମାନଙ୍କୁ ବେଶ୍ ଆକୃଷ୍ଟ କରିପାରିଥିଲା । ଏହି ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ କୁମାର ପରିଡ଼ା ପରିଚାଳନା କରିଥିଲେ । ଏହି ଉତ୍ସବ ମାଧ୍ୟମରେ କୋମଳମତି ଛାତ୍ରୀଛାତ୍ରମାନେ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।

# ୩୫୦ କୋଟିର ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଶିଳାନ୍ୟାସ

କେନ୍ଦ୍ରାପଡ଼ା/ମହାକାଳପଡ଼ା,୨୦।୧ (ଜଗନ୍ନାଥ ଧଳ/ ପ୍ରତାପ କୁମାର ସ୍ୱାଇଁ)

- କେନ୍ଦ୍ରାପଡ଼ାର ୩୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ଜଳାଭାବ ଦୂର ହେବ
- ଖୁବ୍‌ଶୀଘ୍ର ମହାକାଳପଡ଼ାରେ ଶିଳ୍ପ କାରଖାନାର ଶିଳାନ୍ୟାସ ହେବ

ନଦୀର ବଳକା ପାଣି କେନ୍ଦ୍ରାପଡ଼ା ଜିଲାର ଜଳ ସଙ୍କଟକୁ ଦୂର କରିବ । କ୍ଷେତକୁ ଜଳସେଚନ, ସ୍ଥାନୀୟ ଅଞ୍ଚଳର ପାନୀୟ ଜଳ ବ୍ୟବସ୍ଥା ସହିତ ଭୂଗର୍ଭ ଜଳ ସଙ୍କଟ ଆଉ ରହିବ ନାହିଁ ବୋଲି ପାଇକା ମହାନଦୀ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ଶିଳାନ୍ୟାସ ଅବସରରେ ଖାଦ୍ୟ ସୁରକ୍ଷା, ଯୋଗାଣ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଶନିବାର ପ୍ରକାଶ କରିଛନ୍ତି । ପ୍ରକଳ୍ପର ଶିଳାନ୍ୟାସ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ କରିଥିଲେ । ହେଲେ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ବନ୍ତ ପଡ଼ିଆଠାରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ନାୟକ ଯୋଗ ଦେଇଥିଲେ । ସେ ଏହି ଅବସରରେ କହିଥିଲେ, ତିଖିରିର ପାଇକା ଓ ଜଗତସିଂହପୁର ଜିଲା ଚୌଧୁରୀଗଡ଼ାର ମହାନଦୀ ଉପରେ ଏକ ବୃହତ୍ ଆନ୍ତନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ୩୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୩୦ ପଞ୍ଚାୟତ ଅଧିବାସୀ ଉପକୃତ ହେବେ।


ଶିଳାନ୍ୟାସ ଉତ୍ସବରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ବୋଧନ ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲାର ଜଳ ସଙ୍କଟକୁ ପ୍ରତିହତ ପାଇଁ ଏହି ଜଳାଶୟ କାର୍ଯ୍ୟକରିବ । ମାର୍ଶାଘାଇ, ଗରଦପୁର, ମହାକାଳପଡ଼ା ଅଧିବାସୀ ଉପକୃତ ହେବେ । ଜଳାଶୟ ପାଇଁ ଭୂଗର୍ଭ ଜଳ ରିଚାର୍ଯ୍ୟ ହୋଇପାରିବ। ସେହିପରି ପାନୀୟ ଜଳ ଓ କ୍ଷେତକୁ ଜଳ ମିଳିବ । ନଦୀର ବଳକା ଜଳକୁ ଶିଳ୍ପରେ ବିନିଯୋଗ କରି ଜିଲାର ଅର୍ଥନୀତିକୁ ସୁଦୃଢ଼ କରାଯିବାକୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଯୋଜନା ରଖିଛନ୍ତି । ଜଳାଶୟର ଜଳ ରବି ଫସଲ, ଖରିଫ ଚାଷ, ମାଛ ଚାଷ ସମେତ ଅନ୍ୟ କ୍ଷେତ୍ରରେ ବିନିଯୋଗ ହେବ । ବର୍ଷ ସାରା ଶସ୍ୟ ଶ୍ୟାମଳା ପାଇଁ ହେବାକୁ ଥିବା ଏହି ପ୍ରକଳ୍ପକୁ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁତ୍ୱ ଦେଇଛନ୍ତି । ପ୍ରକଳ୍ପ ନିର୍ମାଣ ପରେ କେନ୍ଦ୍ରାପିଡ଼ା ଜିଲା ଓ ଜଗତସିଂହପୁର ଜିଲାର ସମ୍ପର୍କ ଯୋଡିହେବ । ଏହି ଦୁଇ ଜିଲାମଧ୍ୟରେ ଯାତାୟତ କମ ସମୟ ମଧ୍ୟରେ ହୋଇପାରିବ । ବରୀପଲ୍ଲୀଠାରୁ ଜାତୀୟ ରାଜପଥ ନୀଳାଞ୍ଚଳ ବଜାର ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ ହେବ । ଏହି ଅବସରରେ ମନ୍ତ୍ରୀ ନାୟକ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇଥିଲେ ।

କେନ୍ଦ୍ରାପଡ଼ା ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ରାମନଗର, ଖରିନାସୀ, ବତୀଘର ଅଞ୍ଚଳରେ ହେବାକୁ ଥିବା ଆର୍ସେଲ ମିତଲ ନିପ୍ପନ ଷ୍ଟିଲର ଶିଳାନ୍ୟାସ କରିବେ ବୋଲି ମନ୍ତ୍ରୀ ନାୟକ ସୂଚନା ଦେଇଥିଲେ । ଏହି ଅବସରରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ କହିଥିଲେ, ମହାକାଳପଡ଼ାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶାନ୍ତିଶୃଙ୍ଖଳାର ସହ ଜନଶୁଣାଣୀ ସରିଛି । ଖୁବ୍‌ଶୀଘ୍ର ସେଠାରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଶିଳ୍ପ ପାଇଁ ଶିଳାନ୍ୟାସ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅମୃତ ଋତୁରାଜ, ଜଳସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ଇଂ.ରୋହିତ କୁମାର ସେଠୀ, ଅଧିକ୍ଷଣ ଯନ୍ତ୍ରୀ ଇଂ.ଉମେଶ କୁମାର ସେଠୀ, ବିଡିଓ ସାଗର କୁମାର ନନ୍ଦ, ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା, ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ସହ ସ୍ଥାନୀୟ ଜନ ପ୍ରତିନିଧି, ମହିଳା ଗୋଷ୍ଠୀ ଆଦି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପନ୍ଦର ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ।

# ଓଡ଼ିଆ ପୁଅ ପ୍ରଭଞ୍ଜନଙ୍କୁ ସେନା ମେଡାଲ


ମା' ବାପାଙ୍କ ସହ ପ୍ରଭଞ୍ଜନ ପାଢ଼ୀ।

ପାରାଦୀପ,୨୦।୧(ଶରତ ରାଉତ)

ଭାରତୀୟ ସୈନ୍ୟବାହିନୀର ୱେଷ୍ଟର୍ନ କମାଣ୍ଡର ଚିଫ୍ ପ୍ରଭଞ୍ଜନ ପାଢ଼ୀଙ୍କୁ ଗତ ୧୩ ତାରିଖରେ ସେନା ମେଡାଲ ମିଳିଛି। ଓଡ଼ିଆ ପୁଅ ଭାବେ ଏପରି ସଫଳତା ପ୍ରଥମ ବୋଲି କୁହାଯାଇଛି। ପ୍ରଭଞ୍ଜନ ପାରାଦୀପ ପିପିଏଲ୍ କଲୋନିର ବାସିନ୍ଦା ହୋଇଥିବାବେଳେ ବସନ୍ତ କୁମାର ପାଢ଼ୀ ଓ ସଞ୍ଜୟନୀ ପାଢ଼ୀଙ୍କ ପୁଅ। ତାଙ୍କ ପୈତୃକ ଗ୍ରାମ ବ୍ରହ୍ମପୁର ଟାଉନରେ। କିନ୍ତୁ ପ୍ରଭଞ୍ଜନଙ୍କ ଜନ୍ମ ପାରାଦୀପରେ ହୋଇଥିଲା। ପିପିଏଲ୍ ଡିଏଭି ସ୍କୁଲରେ ନର୍ସରି ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ। ବାପା ବସନ୍ତ କମ୍ପାନୀ ମ୍ୟାନେଜର ଭାବେ କାର୍ଯ୍ୟରତ। ପ୍ରଭଞ୍ଜନ ବିଜେବି କଲେଜରେ ପଢ଼ିବା ବେଳେ ୨୦୧୫ ଏନ୍‌ଡିଏ (ନ୍ୟାଶନାଲ ଡିଫେନ୍ସ ଏକାଡେମୀ)ରେ ମନୋନୀତ ହୋଇଥିଲେ। ତାଙ୍କ ପ୍ରଥମ ପୋଷ୍ଟିଂ କମିଶନର ଅଫିସର ଭାବେ ହୋଇଥିଲା। ୨୦୧୮ରେ ଗୋର୍ଖା ରେଜିମେଣ୍ଟରେ ମେଜର କ୍ୟାପ୍‌ଟେନଭାବେ ପଦୋନ୍ନତି ପାଇଥିଲେ। ଏହି ପଦବୀରେ ଥିବାବେଳେ ପଞ୍ଜାବର ପାକିସ୍ତାନ ବର୍ଡର ପାଖକୁ ତାଙ୍କ ପୋଷ୍ଟିଂ ହୋଇଥିଲା। ସେଠାରେ କେତୋଟି ଅପରେଶନରେ ସଫଳତା ହାସଲ କରିବା ପରେ ତାଙ୍କୁ ଦକ୍ଷିଣ ଜମ୍ମୁ କାଶ୍ମୀରରେ ନିୟୋଜିତ କରାଯାଇଥିଲା। ଜମ୍ମୁ କଶ୍ମୀରରେ ପାକିସ୍ତାନ ଆତଙ୍କବାଦୀ ସହ ମୁକାବିଲା ବେଳେ ସାହସିକତାର ପରିଚୟ ଦେଇଥିଲେ। ଏଥିପାଇଁ ସେନାର ଗୁରୁତ୍ୱପୂର୍ଣ୍ଣ ମେଡାଲ ରାଷ୍ଟ୍ରପତି ଭବନରେ ମିଳିଛି ବୋଲି ପ୍ରଭଞ୍ଜନଙ୍କ ବାପା ବସନ୍ତ କହିଛନ୍ତି। ଏବେ ପ୍ରଭଞ୍ଜନ ପଞ୍ଜାବ ବର୍ଡରରେ କାର୍ଯ୍ୟରତ ଅଛନ୍ତି। ଗତ ଡିସେମ୍ବରରେ ପୁଅର ବିବାହ ହୋଇଛି। ଏବେ ତାଙ୍କୁ ୨୯ ବର୍ଷ। ଏତେ କମ୍ ବୟସରେ ଏପରି ସେନା ମେଡାଲ ପାଇବା ଆମ ରାଜ୍ୟ ଓ ଦେଶ ପାଇଁ ଗର୍ବ ବୋଲି ବାପା ବସନ୍ତ କହିଛନ୍ତି। ସେ ଆହୁରି କହିଛନ୍ତି, ମୁଁ ସେନାରେ ଚାକିରି ପାଇଁ ଆବେଦନ କରି ନିରାଶ ହୋଇଥିଲି। ପୁଅକୁ ସେଥିରେ ଭର୍ତ୍ତି ପାଇଁ ଇଚ୍ଛା ଥିଲା। ଏବେ ସେ ଆମକୁ ଗର୍ବିତ କରିଛି। ଏଥିରେ ପ୍ରଭଞ୍ଜନଙ୍କ ମା' ସଞ୍ଜୟନୀଙ୍କ ଅବଦାନ ଅତୁଳନୀୟ ବୋଲି ବସନ୍ତ କହିଛନ୍ତି।

# ଚକୁଆ ଘାଟରୁ ବାଲି ଚୋରା ଚାଲାଣ

କଳିଙ୍ଗନଗର,୨୦।୧(ଶୁଭାଶିଷ ରାଉତ)

- ମାଫିଆ ମାଲାମାଲ
- ରାଜସ୍ୱ ହରାଉଛନ୍ତି ସରକାର

ଦାନଗଦି ତହସିଲର ଚକୁଆ ଗ୍ରାମ ନିକଟ ଖରସ୍ରୋତା ନଦୀ ବାଲିଘାଟରୁ ପ୍ରତ୍ୟହ ଶହଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଫଳରେ ସରକାର ରାଜସ୍ୱ ହରାଉଥିବାବେଳେ ମାଫିଆ ମାଲାମାଲ ହେଉଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଚକୁଆ ବାଲିଘାଟକୁ ଦାନଗଦି ତହସିଲ ପକ୍ଷରୁ ୩ବର୍ଷ ପୂର୍ବରୁ ଲିଜ ଦିଆଯାଇଥିଲା। ଘାଟକୁ ଅନ୍ୟ ଜିଲାର ନିଲାମଧାରୀ ଶକୁନ୍ତଳା କାବୁ ୪୪,୮୯,୫୨୫ ଟଙ୍କାରେ ନିଲାମ ଧରିଥିଲେ। ଘାଟ ପାଇଁ ସେ ସୁରକ୍ଷା ଜମାଭାବେ ୨୩,୧୦,୪୯୫ ଟଙ୍କା ଜମା କରିଥିଲେ। ୨୦୨୨ ଜାନୁଆରୀ ୪ ତାରିଖରେ ଶେଷଥର ପାଇଁ ସେ ୧୧ ଲକ୍ଷ ୨୨ ହଜାର ୪୮ ଟଙ୍କା ଜମା କରିଥିଲେ। ନିର୍ଦ୍ଦିଷ୍ଟ ସମୟରେ ପର୍ଯ୍ୟାୟ କ୍ରମେ ସମସ୍ତ ଟଙ୍କା ଜମା କରାଯିବାକୁ ସର୍ତ୍ତ ରହିଥିଲେ ମଧ ଏହାକୁ ସେ ପରବର୍ତ୍ତୀ ସମୟରେ ଅମାନ୍ୟ କରିବାରୁ ଏବଂ ଟଙ୍କା ଜମା ନ ହେବାରୁ ବାଲି ଘାଟ ପାଇଁ ଦିଆଯାଇଥିବା ଆର୍ ଫର୍ମକୁ ୨୦୨୩ ଜାନୁଆରୀ ପୂର୍ବରୁ ପ୍ରତ୍ୟାହାର କରି ନିଆଯାଇଥିଲା। ଏହାପରେ ଘାଟରୁ ବାଲି ବିକ୍ରି ପାଇଁ କାହାକୁ ଲିଜ ଦିଆଯାଇନାହିଁ। ହେଲେ ଘାଟ ସଂଲଗ୍ନ ଗ୍ରାମର ତଥାକଥିତ ମାଫିଆ ଏଯାବତ ବେଧଡ଼କ ବାଲି ବିକ୍ରି କରିବାରେ ବ୍ୟସ୍ତ ରହିଛନ୍ତି। ପ୍ରତ୍ୟହ ଏହି ଘାଟରୁ ଏବେ ଶହଶହ ଟ୍ରାକ୍ଟର ବାଲି ଚୋରାରେ ବିକ୍ରି ହେଉଛି। ଏ ବାବଦରେ ସରକାର ସିଧାସଳଖଭାବେ ବିପୁଳ ରାଜସ୍ୱ ହରାଉ ଅଛନ୍ତି। ନିର୍ଦ୍ଦିଷ୍ଟ କେତେଜଣ ମାଫିଆ ରୟାଲିଟି ନାମରେ ଏଠାରୁ ପ୍ରତିଦିନ ଶତାଧିକ ଟ୍ରାକ୍ଟରଠାରୁ ବଟି ଆଦାୟ କରୁଛନ୍ତି। ଗ୍ରାମ୍ୟ କମିଟି ନାମରେ ଦୁଇ ମାଫିଆ ପ୍ରତି ଟ୍ରାକ୍ଟରଠାରୁ ୨୦୦ ଟଙ୍କା ଲେଖାଏ ଆଦାୟ କରୁଛନ୍ତି। ଏବାବଦରେ ପ୍ରତିଦିନ ହାରାହାରି ୩୦/୪୦ ହଜାର ଟଙ୍କା ଆଦାୟ ହେଉଥିବା କେତଜେଣ ଗ୍ରାମବାସୀ ନିଜ ନାମଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏଯାବତ ଆଦାୟ ହୋଇଥିବା ମିଛ ବାଲି ରୟାଲିଟି(ବଟିଟଙ୍କା) କୋଟିଏରୁ ଅଧିକ ହୋଇଥିବାବେଳେ ତାହା ନିର୍ଦ୍ଦିଷ୍ଟ ଦୁଇ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ରହିଥିବା ଜଣାପଡ଼ିଛି। ତେଣୁ ପ୍ରଶାସନ ତଦନ୍ତ କରି ସେମାନଙ୍କ ଆକାଉଣ୍ଟ ଯାଞ୍ଚ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଗୁଣିଆ, ସହଯୋଗୀଙ୍କୁ ୨୦ ବର୍ଷ ଜେଲ

## ନାବାଳିକା ବଳାତ୍କାର ମାମଲା

ଜଗତ୍‌ସିଂହପୁର,୨୦।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୬ରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଉକ୍ତ ଥାନା ଅଞ୍ଚଳର ଅକ୍ଷୟ କୁମାର ନାୟକ ଓରଫ ମଇନ ବାବା (୬୪) ଏବଂ ତାଙ୍କ ସହଯୋଗୀ କେନ୍ଦ୍ରାପଡ଼ା ଜିଲା ପାଟକୁରା ନାଗିପଡ଼ାର ପ୍ରଭାତ ମଲ୍ଲିକଙ୍କୁ ଗିରଫ କରାଯାଇଥିଲା। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାରକରି ଉଭୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ଜେଲ ଏବଂ ୩୦ ହଜାର ଟଙ୍କା ହିସାବରେ ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସେତେବେଳେ ନାବାଳିକାଙ୍କ ବୟସ ୧୪ ବର୍ଷ ଥିଲା। ତାଙ୍କ ଦେହ ଖରାପ ହେବା ସହ ଭଲ ନ ହେବାରୁ ପରିବାର ଲୋକେ ଗୁଣିଗାରେଡି ସନ୍ଦେହରେ ଗୁଣିଆ ମଇନ ବାବାଙ୍କ ସହାୟତା ନେଇଥିଲେ। ୧୬।୭।୧୬ରେ ଦୋଷୀ ମଇନ ବାବା ଏବଂ ତାଙ୍କ ସହଯୋଗୀ ପ୍ରଭାତ ଉଭୟ ନାବାଳିକାଙ୍କୁ ଝଡ଼ାଫୁଙ୍କା କରିବା ବାହାନାରେ କୋଠରି ଭିତରେ ବଳାତ୍କାର କରିଥିଲେ। କିନ୍ତୁ ସେତେବେଳେ ପୀଡ଼ିତା ଜଣକ ମା', ବାପାଙ୍କୁ ଏସମ୍ପର୍କରେ କହିବାକୁ ସାହସ ଜୁଟାଇ ପାରି ନ ଥିଲେ। ପରେ ପୁଣି ଥରେ ଝଡ଼ାଫୁଙ୍କା ବାହାନା କରି ଦୋଷୀଦ୍ୱୟ ନାବାଳିକାଙ୍କୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ନାବାଳିକା ରାଜି ନ ହୋଇ ସବୁ କଥା ତାଙ୍କ ମା' ବାପାଙ୍କୁ କହି ଦେଇଥିଲେ। ଏହାପରେ ନାବାଳିକାଙ୍କ ମା' ୨୭।୭।୧୬ରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ.୨୫୨/୧୬) ରୁଜୁ କରିଥିଲା। ଏହାର ବିଚାରକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ଓକିଲ ଦାସ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଳରାମ


@ ନିରୋଦ


@ ସାଗରିକା


@ ଗିରିଜାନନ୍ଦନ


@ କୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ୍ଦ ଘରୁ ରୋଷେୟାଙ୍କ ମୃତଦେହ ଜବତ

ପାରାଦୀପ,୨୦।୧(ଶରତ ରାଉତ)

ପାରାଦୀପ ଜଟାଧାରମୁହାଁଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦ ବଙ୍ଗାଳିପଡ଼ା ବସ୍ତିର ଏକ ବନ୍ଦ ଘରୁ ଶନିବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ପ୍ରସନ୍ନ ମିଶ୍ର (୪୫)। ତାଙ୍କ ଘର କଟକ ଜିଲା କନ୍ଦରପୁର ଥାନା ଅନ୍ତର୍ଗତ ଦାମୋଦର ପୁରରେ। ସେ ପାରାଦୀପରେ ରୋଷୟାଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେବ ମାନସିକ ଅବସାଦ ମଧ୍ୟରେ ଥିଲେ। ଖରାବେଳେ ଘର ବନ୍ଦ କରି ପିନ୍ଧା ଲୁଙ୍ଗି ଜରିଆରେ ପଙ୍ଖାରେ ଝୁଲି ପଡ଼ିଥିବା କୁହାଯାଇଛି। ସ୍ଥାନୀୟ ଲୋକେ ଏହାଦେଖି ପୋଲିସକୁ ଖବର ଦେବାପରେ ପୋଲିସ ପହଞ୍ଚି ମୃତଦେହ ସଂରକ୍ଷିତ ରଖିଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୧/୨୪) ରୁଜୁ ହୋଇଛି।

# ମିଡ୍‌ଇଷ୍ଟ ହୋଟେଲରେ ଜିଲା ଖାଦ୍ୟ ନିରୀକ୍ଷକଙ୍କ ଚଢ଼ାଉ

## ଖାଦ୍ୟ ମାନ ଯାଞ୍ଚ ପାଇଁ ନମୁନା ସଂଗ୍ରହ

ଚଣ୍ଡିଖୋଲ,୨୦।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ଏକ ଉତ୍ତମ ହୋଟେଲ ଓ ରେଷ୍ଟୁରାଣ୍ଟ ବୋଲି ଦାବି କରୁଥିବା ଚଣ୍ଡିଖୋଲସ୍ଥିତ ମିଡ ଇଷ୍ଟ ହୋଟେଲରେ ଜିଲା ଖାଦ୍ୟ ନିରୀକ୍ଷକଙ୍କ ପକ୍ଷରୁ ଶନିବାର ଚଢ଼ାଉ କରାଯାଇଛି। ଏହି ସମୟରେ ଏଠାରେ ନିମ୍ନମାନର ରନ୍ଧା ଖାଦ୍ୟ ଓ ଏକ୍ସପାଏରି ସୁଖିଲା ଖାଦ୍ୟ ପ୍ୟାକେଟ ବିକ୍ରି ହେଉଥିବା ଜଣାପଡ଼ିଛି।

ହୋଟେଲ ମାଲିକ କର୍ମଚାରୀମାନଙ୍କ ସହଯୋଗରେ ହୋଟେଲରେ ଅତିନିମ୍ନମାନର ରନ୍ଧା ଖାଦ୍ୟ, ଏକ୍ସପାଏରି ସୁଖିଲା ଖାଦ୍ୟ ଓ ମୃଦୁ ପାନୀୟ ବିକ୍ରି କରୁଥିବା ଅଭିଯୋଗ ପାଇ ଯାଜପୁର ଜିଲା ଖାଦ୍ୟ ନିରୀକ୍ଷକ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ନିମ୍ନମାନର ଓ ବାସିଖାଦ୍ୟ ପରସା ଯାଉଥିବା କେତେଜଣ ଗ୍ରାହକ ଅଭିଯୋଗ କରିଥିଲେ। ସତ୍ୟତା ଯାଞ୍ଚ ପାଇଁ ଏହିଟିମ ହୋଟେଲରେ ରନ୍ଧାହୋଇ ମହଜୁଦ ଥିବା ଖାଦ୍ୟ




ମାନଯାଞ୍ଚ ପାଇଁ ନମୁନା ସଂଗ୍ରହ କରିଥିଲା। ଅଧିକ ଯାଞ୍ଚ ସମୟରେ ଅମୂଲ କମ୍ପାନୀ ଓ ଅନ୍ୟାନ୍ୟ କମ୍ପାନୀର ଏକ୍ସପାଏରି ହୋଇ ଯାଇଥିବା ବହୁ ପରିମାଣର ମୃଦୁ ପାନୀୟ ହୋଟେଲ ଫ୍ରିଜରେ ମହଜୁଦ ରଖାଯାଇ ତାକୁ ଗ୍ରାହକମାନଙ୍କୁ ବିକ୍ରି କରାଯାଉଥିବା ଦେଖାଯାଇଥିଲା। ଖାଦ୍ୟ ଅନୁପଯୋଗୀ ସେହିସବୁ ମୃଦୁ ପାନୀୟକୁ ଟିମ ଜବତ କରି ପରେ ତାକୁ ନଷ୍ଟ କରିଦେଇଥିଲା। ରନ୍ଧା ଖାଦ୍ୟର ମାନ ଯାଞ୍ଚ ପାଇଁ ନମୁନା ସଂଗ୍ରହ ପରେ ଉକ୍ତ ଟିମ ହୋଟେଲ ମାଲିକଙ୍କ ନାମରେ ନୋଟିସ ଜାରି କରିବା ସହ ହୋଟେଲରେ ଏପରି ଖାଦ୍ୟ ପରସାନେଇ କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଚଢ଼ାଉରେ ଜିଲା ଖାଦ୍ୟ ନିରୀକ୍ଷକଙ୍କ ସହ ୧୦ ଜଣିଆ ଟିମ ସାମିଲ ହୋଇଥିଲେ। ଏହି ହୋଟେଲରେ ନାବାଳକମାନଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ପାଇ ଜିଲା ଶ୍ରମ ଅଧିକାରୀ ଓ ତାଙ୍କ ଟିମ କିଛିଦିନ ପୂର୍ବରୁ ଚଢ଼ାଉ କରିଥିଲେ। ଚଢ଼ାଉବେଳେ ୨ ବାଳ ଶ୍ରମିକଙ୍କୁ ଠାବ କରାଯାଇଥିଲା ଓ ହୋଟେଲ ମାଲିକଙ୍କୁ ନୋଟିସ ଜାରି କରାଯାଇଥିଲା। ଗୋଟିଏ ପରେ ଗୋଟିଏ ଘଟଣାକୁ ନେଇ ଉକ୍ତ ହୋଟେଲ ଉପରେ ଚଢ଼ାଉ କରାଯିବା ଓ ହୋଟେଲ ମାଲିକଙ୍କ ଦ୍ୱାରା ହେଉଥିବା ବେଆଇନ କାମ ଧରାପଡ଼ିବା ପରେ ଏବେ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ବିଧାୟକ ଏକାଦଶ, ସିନେତାରକା ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ୍

## ନୂଆ-ଓ ଯୋଜନାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଧର୍ମଶାଳା,୨୦।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ପଞ୍ଚାୟତ ସମିତି ଆନୁକୂଲ୍ୟରେ ନୂଆ-ଓ ଯୋଜନାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଶନିବାର କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ କରାଯାଇଛି। ଏହି ଅବସରରେ ବିଧାୟକ ଏକାଦଶ ଓ ସିନେତାରକା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ସିନେତାରକା ବିଜୟୀ ହୋଇଛି।

ଟସ୍ ଜିତି ପ୍ରଥମେ ବିଧାୟକ ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୩୮ ରନ କରିଥିଲା। ଦଳ ପକ୍ଷରୁ ବିଧାୟକ ଜଗନ୍ନାଥ ନାୟକ ୪୨ ରନ, ଦେବୀରଞ୍ଜନ ତ୍ରିପାଠୀ ୩୭ ରନ ଓ ରୁଦ୍ର ମହାରଥୀ ୨୫ ରନ କରିଥିଲେ। ବିପକ୍ଷ ସିନେତାରକା ଏକାଦଶ ପକ୍ଷରୁ ଦୀପକ ବାରିକ ଓ ସମ୍ବିତ ୨ଟି ଲେଖାଏ


ବିଧାୟକ ଏକାଦଶ ଓ ସିନେତାରକା ଏକାଦଶର ଖେଳାଳିମାନେ।

ଉଇକେଟ ନେଇଥିଲେ। ଜବାବରେ ସିନେତାରକା ଏକାଦଶ ବ୍ୟାଟିଂ କରି ୧୦.୨ ଓଭରେ ୪ ଉଇକେଟ ହରାଇ ୧୪୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଟିକୁ ସାମଲ ୭୯ ଓ ସମ୍ବିତ ୨୦ ରନ କରିଥିଲେ। ବିଧାୟକ ଏକାଦଶ ପକ୍ଷରୁ ଦିବ୍ୟ ଶଙ୍କର ମିଶ୍ର ୨ ଓ ବିଷ୍ଣୁଦତ୍ତ ରାଉତରାୟ ଗୋଟିଏ ଉଇକେଟ ନେଇଥିଲେ। ଖେଳକୁ ସୁଶିଲ ମହାନ୍ତି ଓ ଅସିତ ଜେନା ପରିଚାଳନା କରିଥିଲେ। ସିନେତାରକା ଦଳର ସର୍ବାଧିକ ରନ କରିଥିବା ଟିକୁ ସାମଲଙ୍କୁ ମ୍ୟାନ୍ ଅଫ୍‌ଦିମ୍ୟାଚ୍ ଘୋଷଣା କରାଯାଇଥିଲା।

# ସଜେଇ ହେଉଛି ଫତେଗଡ଼ ଶ୍ରୀରାମ ମନ୍ଦିର



ନବନିର୍ମିତ ଶ୍ରୀରାମ ମନ୍ଦିରକୁ ଫୁଲରେ ସଜାଯାଉଛି।

- ୨୨ରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ
- ଅଯୋଧ୍ୟାର ଭ୍ରମ ସୃଷ୍ଟି କରୁଛି ଗୋବର୍ଦ୍ଧନ ପାହାଡ଼
- ପ୍ରାକୃତିକ ପରିବେଶରେ ବେଦମନ୍ତ୍ର ପ୍ରକମ୍ପିତ
- ୫ ବର୍ଷ ଧରି ଚାଲିଥିଲା ନିର୍ମାଣ
- ନିଯୁକ୍ତି ପାଇଥିଲେ ଦେଢ଼ଶହ କାରିଗର
- ଖର୍ଚ୍ଚ ସରିଲାଣି ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
- ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଁ ଉଠିଲାଣି ଦାବି

**ନୟାଗଡ଼/ଭାପୁର,୨୦।୧(ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ଅଯୋଧ୍ୟାରେ ରାମଲାଲା ମନ୍ଦିର ପ୍ରାଣ ପ୍ରତିଷ୍ଠା ଦିବସ ଜାନୁଆରୀ ୨୨ରେ ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ଫତେଗଡ ଗିରି ଗୋବର୍ଦ୍ଧନ ପାହାଡ଼ର ଶୀର୍ଷରେ ନବ ନିର୍ମିତ ଶ୍ରୀରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଏଥିପାଇଁ ଫତେଗଡ଼ର ଶ୍ରୀରାମ ମନ୍ଦିର ଓ ପାର୍ଶ୍ୱ ଦେବାଦେବୀ ମନ୍ଦିର ସଜେଇ ହେଉଛି। ମନ୍ଦିରର କାରୁକାର୍ଯ୍ୟ ଓ ପ୍ରାକୃତିକ ଶୋଭାରାଜିକୁ ଅନୁଧ୍ୟାନ କଲେ ୨ୟ ଅଯୋଧ୍ୟାର ଭ୍ରମ ସୃଷ୍ଟି କରୁଛି ଫତେଗଡ଼ ଗିରି ଗୋବନ୍ଧନ ପାହାଡ। ଏଥିପାଇଁ ଗତ ୧୭ ତାରିଖରୁ ପୂଜାପାଠ ଆରମ୍ଭ ହୋଇଛି। ମନ୍ତ୍ର, ବେଦ ପାଠରେ ପ୍ରକମ୍ପିତ ହୋଇ ଉଠିଛି ଫତେଗଡ ଗାଁ ଓ ଗିରି ଗୋବର୍ଦ୍ଧନ ପାହାଡ। ପ୍ରାୟ ୧୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେଇ ରାମ ମନ୍ଦିରକୁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଭାଡିକିଲା ଓ ସାକେରି ଗାଁ ସମେତ ବିଭିନ୍ନ ଗାଁର ବଛା ବଛା ଦେଢ଼ଶହ କାରିଗର ପ୍ରାୟ ୫ ବର୍ଷ ଧରି ମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଯଦିଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ହୋଇ ନାହିଁ ତଥାପି ସେଠାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ପ୍ରଥମରୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ସେଠାରେ ଭିଡ଼ ଜମାଇଛନ୍ତି । ପାହାଡ଼ ଚଢ଼ିବା ଓ ବଣଭୋଜିର ମଜା ଉଠାଇବା ସହ ଶ୍ରୀରାମ ଓ ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ ପରି ସୁବିଧା ପର୍ଯ୍ୟଟକଙ୍କୁ ଆନମନା କରିଛି। ଏହି ପାହାଡ଼ର ୪ କି.ମି.ଦୂରରେ ତରବାଲୁର ଉଷ୍ମ ପ୍ରସବଣ, ୧୪ କି.ମି. ଦୂରରେ କଣ୍ଟିଲୋ ନୀଳମାଧବ ମନ୍ଦିର, ୨୫ କି.ମି.ଦୂରରେ ମା ଭଟ୍ଟାରିକା ମନ୍ଦିର, ୧୪ କି.ମି.ଦୂରରେ ଟି ବ୍ରିଜ ଓ ବୈଦେଶ୍ୱରର ସିଂହନାଥ ପୀଠ ରାମ ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ାଇଛି। ପର୍ଯ୍ୟଟନ ପାଇଁ ମଣିଷର ଆଗ୍ରହ ବହୁ ପୁରୁଣା ହୋଇଥିବାରୁ ପର୍ଯ୍ୟଟନ ଓ ଠାକୁର ଦର୍ଶନର ସୁବିଧା ଥିବା ଫତେଗଡ଼ ରାମ ମନ୍ଦିରରେ ଏବେଠାରୁ ଆରମ୍ଭ ହୋଇଗଲାଣି ଗହଳି, ଯାହାକି ନୟାଗଡ଼ ଜିଲାକୁ ଚର୍ଚ୍ଚାରେ ଆଣିବା ସହ ଏକ ନୂଆ ପର୍ଯ୍ୟଟନ ସ୍ଥଳୀ ରୂପେ ଉଭା ହୋଇଛି। ସରକାରୀସ୍ତରରେ ଏହି ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଦାବି ଉଠିଲାଣି ।

### ରାଜସ୍ଥାନରରୁ ଆସିଛି ରାମଲାଲା ମୂର୍ତ୍ତି

ଶ୍ରୀରାମ ମନ୍ଦିରରେ ପୂଜା ପାଇବେ ୬ ଫୁଟ ଉଚ୍ଚର ମାବଲ ନିର୍ମିତ ଶ୍ରୀରାମଙ୍କ ମୂର୍ତ୍ତି, ଯାହାକି ରାଜସ୍ଥାନରୁ ଆସିଛି। ଏଥିପାଇଁ ବ୍ୟୟ ହୋଇଛି ସାଢ଼େ ୬ ଲକ୍ଷ ଟଙ୍କା। ସେହିଭଳି ପାହାଡ଼ ଉପରେ ୧୮ ଏକର ଜମିରେ ଗଢ଼ି ଉଠିଛି ମନ୍ଦିର। ମନ୍ଦିରକୁ ଆକର୍ଷଣୀୟ କରିବା ପାଇଁ ନିର୍ମାଣ ଚାଲିଛି ପାର୍କ, ଶିଶୁ ଉଦ୍ୟାନ, ରୋପୱେ। ଆଉ କ'ଣ କରିବାର ଆବଶ୍ୟକତା ରହିଛି ସେନେଇ ମ୍ୟାପ ପ୍ରସ୍ତୁତି ଚାଲିଛି ।

### ସୂକ୍ଷ୍ମ କାରୁକାର୍ଯ୍ୟ ହିଁ ଆକର୍ଷଣ

ସମୁଦ୍ର ପତନରୁ ୧୮୦୦ଫୁଟ ପାହାଡ଼ ଉପରେ ନିର୍ମାଣ ହୋଇଥିବା ୬୫ ଫୁଟର ରାମ ମନ୍ଦିରର କାରୁକାର୍ଯ୍ୟ ଦେଖିଲା ଭଳି ହୋଇଛି। ଖୋର୍ଦ୍ଧା ତହସିଲ ଭୋଗପୁରର ବଉଳମାଳା ପଥରେ ମନ୍ଦିରର କାରୁକାର୍ଯ୍ୟ ହୋଇଛି । ମନ୍ଦିର ଭିତରକୁ ପ୍ରବେଶ କରିବାକୁ ହେଲେ ପ୍ରଥମେ ୩୫ ଫୁଟର ନାଟ୍ୟ ମନ୍ଦିର, ୪୫ ଫୁଟର ମୁଖାଶାଳା ଅତିକ୍ରମ କରିବାକୁ ପଡୁଛି। ରେଖ, ଭଦ୍ର ଓ ମୋହନ ଢ଼ାଞ୍ଚାରେ ମନ୍ଦିରର ନିର୍ମିତ। ପୁରୀ, କୋଣାର୍କ ଓ ତାରାତାରିଣୀ ମନ୍ଦିର କାରୁକାର୍ଯ୍ୟର ଝଲକ ଏଠାରେ ଦେଖିବାକୁ ମିଳୁଛି। ୪୫୦ ପ୍ରକାରର ଘୋଡା ହାତୀ, ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ସୂର୍ଯ୍ୟ, ହନୁମାନ, ଗଣେଶ ଓ ଶିବଙ୍କ ପାର୍ଶ୍ୱ ଦେବାଦେବୀ ମନ୍ଦିର, ଠାକୁରଙ୍କ ଦଶବତାରର ଦୃଶ୍ୟ ଅତିବ ମନୋରମ। ସେହିଭଳି ୧୮୦୦ ଫୁଟର ପାହାଡ଼କୁ କାଟି ୨କି.ମି.ର କଂକ୍ରିଟ ରାସ୍ତା କରାଯାଇଛି। ଯାନବାହାନ ଉପରକୁ ସୁବିଧାରେ ଉଠି ପାରୁଛି ।

### ବାସ୍ତବତାର ରୂପ ନେଲା ସ୍ୱପ୍ନ

ଗିରି ଗୋବର୍ଦ୍ଧନ ପାହାଡ଼ରେ ଶ୍ରୀରାମ ମନ୍ଦିରର ନିର୍ମାଣ ନେଇ ଫତେଗଡ଼ର ଚକ୍ରଧର ପ୍ରଧାନ ଦେଖିଥିବା ସ୍ୱପ୍ନ ସାକାର ହୋଇଛି । ଚକ୍ରଧର ନିଜର ସ୍ୱପ୍ନ ସମ୍ପର୍କରେ ଗାଁ ଲୋକଙ୍କୁ କହିବା ପରେ ନିଜେ ମନ୍ଦିର ପାଇଁ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ପରେ ଶ୍ରୀରାମ ସେବା ପରିଷଦ ଗଠନ କରାଯାଇ ଦାନ, ଦକ୍ଷିଣା ଓ ବିଭିନ୍ନ ଭକ୍ତଙ୍କ ସହାୟତାରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିଲା । ଚକ୍ରଧରଙ୍କ ପୁଅ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମନ୍ଦିର ନିର୍ମାଣ କାର୍ଯ୍ୟକୁ ଆଗେଇ ନେଇଥିଲେ । ମନ୍ଦିର ନିର୍ମାଣରେ ପରେ ଭାବବିହ୍ୱଳ ହୋଇ ଉଠିଛନ୍ତି ଚକ୍ରଧର। ୬୭ ବର୍ଷ ବୟସରେ ନିଜେ ମନ୍ଦିରକୁ ଯାଇ ସବୁ କିଛି ବୁଝାବୁଝି କରିବାରେ ଲାଗି ପଡିଛନ୍ତି ।

### ଧର୍ମସଭା ଓ ସାଧୁସନ୍ଥଙ୍କ ସମାବେଶ

ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହ ଅବସରରେ ଫତେଗଡ଼ ପାହାଡ ଶୀର୍ଷରେ ଥିବା ରାମ ମନ୍ଦିରରେ ରବିବାର ହେବ ଧର୍ମ ସଭା । ଯୋଗ ଦେବେ ୫ ହଜାର ସାଧୁସନ୍ଥ । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀ ନିଶ୍ଚିଳାନନ୍ଦ ସରସ୍ୱତୀ ଏଥିରେ ଯୋଗ ଦେଇ ସନାତନ ଧର୍ମ ଉପରେ ଉଦ୍‌ବୋଧନ ଦେବେ । ଧର୍ମସଭା ଓ ସାଧୁସନ୍ଥ ସମ୍ମିଳନୀ ପରେ ଭଜନ ସମାରୋହ ହେବ । ୨୪ ତାରିଖରେ ୫–ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଅତିଥି ଭାବେ ଯୋଗ ଦେବେ । ୨୨ ତାରିଖରେ ଜଗଦ୍‌ଗୁରୁ ଶ୍ରୀରାମ ମନ୍ଦିର ଯଜ୍ଞ ମଣ୍ଡପ ପରିଦର୍ଶନ ସହ ଗୁରୁପୂଜା କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଇବେ। ୨୪ ତାରିଖରେ ପୂର୍ଣ୍ଣାହୁତି ପରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନ ହେବ ।

### ଗୁଆ, ପାନ ଓ ନଡିଆ ଦେଇ ନିମନ୍ତ୍ରଣ

ଶରଣକୁଳର ଲଡୁବାବା, ନୟାଗଡ଼ର ଦକ୍ଷିଣକାଳୀ, ରଣପୁର ମଣନାଗଙ୍କ ପରି ଦେବାଦେବୀ ପୀଠ, ମଠ, ଧାର୍ମିକ ଅନୁଷ୍ଠାନକୁ ଗୁଆ, ପାନ ଓ ନଡିଆ ଦେଇ ନିମନ୍ତ୍ରଣ କରାଯାଇଛି । ସେହିପରି ଜିଲାପାଳ, ଉପଜିଲାପାଳ, ଏସ୍‌ପିଙ୍କ ପରି ପଦାଧିକାରୀ, ଜିଲା ଅଧିକାରୀ, ବ୍ଲକ ଅଧିକାରୀ, ଥାନା ଓ ଫାଣ୍ଡି, ସରକାରୀ କର୍ମଚାରୀ, ସାଧାରଣ ଲୋକ, ଜନ ପ୍ରତିନିଧିଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ପଡୋଶୀ ଜିଲା କଟକ ଓ ଖୋର୍ଦ୍ଧା ଜିଲାର ଦେବାଦେବୀ ମନ୍ଦିରଙ୍କୁ ମଧ୍ୟ ସମାନ ଢ଼ଙ୍ଗରେ ନିମନ୍ତ୍ରଣ କରାଯାଇଛି ବୋଲି ସୂଚନା ମିଳିଛି ।



କାରିଗରମାନେ ମନ୍ଦିର ଚତୁଃପାର୍ଶ୍ୱକୁ ଫୁଲରେ ସଜାଇବା ପାଇଁ କାର୍ଯ୍ୟାରମ୍ଭ କରୁଛନ୍ତି।



ମନ୍ଦିର ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବଳରାମ



@ ନିରୋଦ



@ ସାଗରିକା



@ ଗିରିଜାନନ୍ଦନ



@ କୁନା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଫାଇନାଲରେ କୋଲକାତା, ନୂଆଦିଲ୍ଲୀ ଟିମ୍‌ର ମୁକାବିଲା

**ଦଶପଲ୍ଲା,୨୦।୧(ପ୍ରକାଶ କୁମାର ପାଣି)**

ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ୨ୟ ସେମି ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଯାଇଛି । ଏଥିରେ ଶୋଧପୁର କ୍ଲବ,କୋଲକାତା ଗୋଟିଏ ଗୋଲ ପ୍ରଥମେ ସ୍କୋର କରିଥିଲା। ଡିଏମ୍‌ଏସ୍‌ଏଫ୍ ଚକ୍ରଧରପୁର, ଝାଡ଼ଖଣ୍ଡ ସେହି ଗୋଲକୁ ପରିଶୋଧ କରିଥିଲା । ଫଳରେ ଖେଳ ଟାଏ ହୋଇଥିଲା। ରେଫରୀ ଟ୍ରାଇବ୍ରେକର ନିଷ୍ପତ୍ତି ନେଇଥିଲେ। ଟ୍ରାଇବ୍ରେକରରେ କୋଲକାତା ଟିମ୍ ୩ଟି ଗୋଲ ଦେଇଥିବା ବେଳେ ଝାଡ଼ଖଣ୍ଡ ଟିମ୍ ୨ଟି ଗୋଲ ଦେବାରେ ସକ୍ଷମ ହୋଇଥିଲା। ଆଜିର ଖେଳ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା, ଲାଇନ୍ସରେ ରବିନ୍ଦ୍ରନାଥ ନାୟକ, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲ ରେଫେରୀ ଭାବେ ଶୈଳେନ୍ଦ୍ର ମହାକୁଡ଼ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ଠିକାଦାର ସଂଘ ସଭାପତି, ସମ୍ପାଦକ ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ରବିବାର ଫାଇନାଲ ମ୍ୟାଚ୍ ଏମଜେବି ୟୁନାଇଟେଡ୍, ସରୋଜିନୀ ନଗର, ନୂଆଦିଲ୍ଲୀ ସହିତ ଶୋଧପୁର କ୍ଲବ, କୋଲକାତା ମଧ୍ୟରେ ମୁକାବିଲା ହେବ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳୀ।

# ଖଳିସାହି ଟିମ୍ ବିଜୟୀ

### ରବୀନ୍ଦ୍ର କୁମାର ପ୍ରଧାନ ମେମୋରିଆଲ କ୍ରିକେଟ

**ଖଣ୍ଡପଡ଼ା,୨୦।୧ (ଅଜୟକୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ କ୍ରୀଡାଙ୍ଗନରେ ଅନୁଷ୍ଠିତ ରବିନ୍ଦ୍ର କୁମାର ପ୍ରଧାନ ୨ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଖଳିସାହି କ୍ରିକେଟ ଟିମ୍ କଣ୍ଟିଲୋ ବରୁଣେଇ କ୍ରିକେଟ୍ ଟିମ୍‌କୁ ହରାଇ ବିଜୟୀ ହୋଇଛି । ଟସ୍ ଜିଣି ଖଳିସାହି ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୧୫୦ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ବରୁଣେଇ ଦଳ୧୯.୧ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୪ ରନ ସଂଗ୍ରହ କରିଥିଲା । ବିଜୟୀ ଖଳିସାହି ଦଳର ବବୁଲ ବ୍ୟକ୍ତିଗତ ୩୩ ରନ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଚନ୍ଦନ ଦଳେଇ ଓ ସମୀର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଗତ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ମନୋଜ କୁମାର ବିଶ୍ୱାଳ କ୍ରୀଡ଼ା ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ । ଏ ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିବା ବେଳେ କୃତୀ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟର ବାର୍ଷିକଉତ୍ସବ ସମାରୋହରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି । ଶିକ୍ଷକ ରିତ୍ୱିକ ତୁଷାର, ସତ୍ୟଜିତ ସାହୁ, ଆଶିଷ କୁମାର ବିଶୋଇ, ସୌଭାଗ୍ୟ କୁମାର ମହାରଣା, ସୁମନ୍ତ କୁମାର ବେହେରା, ଅବିନାଶ ସାହୁ, ନମିତା ସାହୁ, ଅର୍ଚ୍ଚନା ସାମନ୍ତ, ଶିକ୍ଷୟିତ୍ରୀ ମଧୁସ୍ମିତା ବସନ୍ତିଆ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗୀତା ପରିଚାଳନା କରିଥିଲେ ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗ ଦେଇଥିବା ପ୍ରତିଯୋଗୀ।

# ଭାଷା ସାହିତ୍ୟ,ସୃଜନଶୀଳତା ଉତ୍ସବ

**ଦଶପଲ୍ଲା,୨୦।୧(ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବ୍ଲକ ଧୀନ ଜାମୁ ସାହି ହାଇସ୍କୁଲ ପରିସରରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ହରିଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ସିଆରସିସି ଅଶ୍ୱିନୀ କୁମାର ବେହେରା, ସମ୍ମାନିତ ଅତିଥି ରୁପେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ବେହେରା , ସ୍କୁଲ ପରିଚାଳନା କମିଟି ସଭାପତି କିଶୋର ଚନ୍ଦ୍ର ବେହେରା, ଜାମୁସାହି ୱାର୍ଡ ମେମ୍ବର ରବିନ୍ଦ୍ର କୁମାର ଖଡିରତ୍ନ, ପ୍ରଧାନ ଶିକ୍ଷକ ଅକ୍ଷୟ ପ୍ରସାଦ ପଟ୍ଟନାୟକ, ଶିକ୍ଷକ ସତ୍ୟବାଦୀ ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।



ବାଳିକା ବିଦ୍ୟାଳୟରେ ଆୟୋଜିତ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ସେହିପରି ରାଧାମୋହନ ଜୀଉ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଜେଲ ଡିଇଜି ଗୋଲକ ବିହାରୀ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ସାହିତ୍ୟକ ମୁରଲୀଧର ମହାରଣା, ଅନ୍ତର୍ଯ୍ୟାମୀ ଭୂୟାଁ ସମେତ ବହୁ ଅତିଥି ଯୋଗଦାନ କରିଥିଲେ । ଦଶପଲ୍ଲା ବାଳିକା ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ରଥ , ନାରାୟଣ ମହାପାତ୍ର,, ସୁକାନ୍ତି ଦେବୀ, ସୁଧିର ବାରିକ ମାନସୀ ପଟ୍ଟନାୟକ ପ୍ରମୁଖଯୋଗଦାନ କରିଥିଲେ । ସେହିପରି ନେଳିଗୁଡ଼ା ସ୍କୁଲଠାରେ ସିଆରସିସି କୁବେର ମଣି ସାହୁ ଏବଂ ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା । କୁଲୁରୁକୁମ୍ପା ସ୍କୁଲରେ ମଧ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହ ନାଚ ଗୀତ ଆୟୋଜନ କରାଯାଇଥିଲା ।

